## ୪୮ ଗୋରୁ ଜବତ, ୬ ଗିରଫ

ସାରସକଣା,(ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ପୋଲିସ ସୋମବାର ବିଳମ୍ବିତ ରାତିରେ ଏକ ଗୋରୁ ବୋଝେଇ ଟ୍ରକ୍‌କୁ ଜବତ କରିଛି। ଉଦ୍ଧାର ହୋଇଥିବା ୪୮ ଗୋରୁଙ୍କୁ ଚାକୁଲିଆସ୍ଥିତ ଗୋଶାଳା ତଥା ଧାନ ଫାଉଣ୍ଡେସନରେ ଛଡ଼ା ଯାଇଥିବା ବେଳେ ୬ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ପଶ୍ଚିମବଙ୍ଗ ଝାଡ଼ଗ୍ରାମ ଜିଲା ବାଲିଆବେଡ଼ା ଥାନା ଅଞ୍ଚଳର ପ୍ରଦୀପ ଦାସ, ଗଣେଶ ସିଂ, ରଣଦୀପ ମାହାନା, ପ୍ରଦୀପ ବାଗ, ଏସକେ ସଫିଜୁଲ ଅଲ୍ଲୀ ଓ ବିରେନ ଭକଟ। ଏନେଇ ଥାନାରେ ଏକ ମାମଲା (ନଂ.୪୯/୨୩) ରୁଜୁ ହୋଇଛି।

## ସଂକ୍ଷେପରେ

### ଯୁବତୀଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

ବେତନଟୀ,୨୮।୨(ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବଳାତ୍କାର କରିଥିବା ଅଭିଯୁକ୍ତଙ୍କୁ ବେତନଟୀ ପୋଲିସ ଗିରଫ କରିଛି। ଏନେଇ ଥାନାରେ ଏକ ମାମଲା(ନଂ.୬୫/୨୩) ରୁଜୁ ହୋଇଛି। ଗିରଫ ଅଭିଯୁକ୍ତ ହେଲେ ଅଶୋକ ବାରିକଦାର (୩୨)। ପୋଲିସ ସୂଚନା ଅନୁଯାୟୀ, ୨୨ ବର୍ଷୀୟା ଯୁବତୀ ଜଣକ ବେତନଟୀ ଥାନା ଅଞ୍ଚଳସ୍ଥିତ ମାଉସୀ ଘରକୁ ବୁଲିବାକୁ ଆସିଥିଲେ। ସୋମବାର ସେ ସ୍ଥାନୀୟ ହାଟକୁ ଯାଇଥିବା ବେଳେ ମାଉସୀ ଘର ଗ୍ରାମର ଅଶୋକ ତାଙ୍କୁ ବଳାତ୍କାର କରିଥିବା ଅଭିଯୋଗରେ ଦର୍ଶାଯାଇଛି।

### ଟ୍ରେନ୍ ଧକ୍କାରେ ଆହତ ଷଣ୍ଢର ଚିକିତ୍ସା କରାଇଲେ ଏମ୍‌ପି

ବୈଶିଙ୍ଗା,୨୮।୨(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ଆଗ୍ରିଆଠାରେ ଟ୍ରେନ୍ ଧକ୍କାରେ ଆହତ ହୋଇଥିବା ଏକ ଷଣ୍ଢର ଚିକିତ୍ସା ବ୍ୟବସ୍ଥା କରାଇଛନ୍ତି ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ। ସୂଚନା ଅନୁଯାୟୀ, ଖଡ଼ଗପୁର ରେଳବାଇ ଡିଭିଜନର ଡିଆର୍‌ଏମ୍‌ଙ୍କ ସହ ବାଲେଶ୍ୱର ଏମ୍‌ପି ଷଡ଼ଙ୍ଗୀ ଏବଂ ବରିଷ୍ଠ ପଦାଧିକାରୀମାନେ ଏକ ସ୍ୱତନ୍ତ୍ର ଟ୍ରେନରେ ବେତନଟୀ, ଯୁଗପୁରା ନିକଟସ୍ଥ ଈଶାଣପୁର ଓ ମଚ୍ଛପଦାଠାରେ ପାସେଞ୍ଜର ହଲ୍ଟ ସ୍ଥାପନ ସମ୍ପର୍କରେ ସ୍ଥିତି ଅନୁଧ୍ୟାନ କରିବାକୁ ଆସିଥିଲେ। ଆଗ୍ରିଆ ରେଳ ଫାଟକ ପାଖରେ ଉକ୍ତ ଟ୍ରେନ ଷଣ୍ଢକୁ ଧକ୍କା ଦେଇଥିଲା। ଏମ୍‌ପି ଷଡ଼ଙ୍ଗୀ ସଙ୍ଗେ ସଙ୍ଗେ ଟ୍ରେନ୍ ଅଟକାଇ ଗୁରୁତର ଷଣ୍ଢର ଚିକିତ୍ସା ପାଇଁ ବ୍ୟବସ୍ଥା କରାଇଥିଲେ। ବେତନଟୀ ପ୍ରାଣୀ ଚିକିତ୍ସା ଅଧିକାରୀ ପହଞ୍ଚି ଆହତ ଷଣ୍ଢର ଚିକିତ୍ସା କରିଥିଲେ।

### 'ପ୍ରଗତିର କର୍ଣ୍ଣଧାର ଥିଲେ ହରେକୃଷ୍ଣ'

ଭଣ୍ଡାରିପୋଖରୀ, ୨୮।୨(ସ୍ୱ.ପ୍ର.)-ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ କରଞ୍ଜି ଗ୍ରାମର ଦିବଂଗତ ହରେକୃଷ୍ଣ ବାରିକଙ୍କ ଉଦ୍ଦେଶ୍ୟରେ ଶୋକସଭା ସ୍ଥାନୀୟ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ଜଗବନ୍ଧୁ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଅତିଥି ଭାବେ ନାଟ୍ୟକାର ଅରୁଣ ବାରିକ, ଶିକ୍ଷାବିତ୍, ଖବରଦାତା ଜଗନ୍ନାଥ ନାୟକ ଏବଂ ମୁଖ୍ୟବକ୍ତା ଭାବେ ପ୍ରଧାନ ଶିକ୍ଷକ ତରୁଣ ଦତ୍ତ ଯୋଗଦେଇ ହରେକୃଷ୍ଣ ଜଣେ କର୍ମବୀର, ପ୍ରଗତିର କର୍ଣ୍ଣଧାର ତଥା ଗାଁର ମଉଡ଼ମଣି ଥିଲେ ବୋଲି କହିଥିଲେ। ଭାସ୍କର ଚନ୍ଦ୍ର ମୁଦୁଲି, ଖଗେଶ୍ୱର ଦାସ, ପରମେଶ୍ୱର ନାୟକ, କରୁଣାକର ଓଝା, ଉଦୟ ଜେନା ପ୍ରମୁଖ ସଭା ପରିଚାଳନା କରିଥିଲେ। ଲୋକନାଥ ରାଉତ ଧନ୍ୟବାଦ ଦେଇଥିଲେ।

### ୪ରୁ ବାସୁଦେବପୁର ମହୋତ୍ସବ

ବାସୁଦେବପୁର, ୨୮।୨(ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ବାଲିନଗରସ୍ଥିତ ଯାଦବ ପଡ଼ିଆଠାରେ ପୌରପାଳିକା ସହଯୋଗରେ ବାସୁଦେବପୁର ମହୋତ୍ସବ ମାର୍ଚ୍ଚ ୪ରୁ ଆରମ୍ଭ ହେବ। ଉଦ୍‌ଘାଟନୀ ଉତ୍ସବରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମେତ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବ। ଅଞ୍ଚଳର ଲୋକକଳା, ସଂସ୍କୃତି, ଐତିହ୍ୟ, ପରମ୍ପରା ଉପରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ 'ବାସୁଦେବାୟନ' ପୁସ୍ତକ ଲୋକାର୍ପଣ କରାଯିବ। ବିଳମ୍ବରେ ହେଲେ ମଧ ମହୋତ୍ସବ ଆୟୋଜନ ଚାଲିଥିବାରୁ ଯାଦବ ପଡ଼ିଆ ସଜେଇ ହେଲାଣି। ମହୋତ୍ସବରେ ବିଭିନ୍ନ ଷ୍ଟଲ ପଡ଼ିବା ସହ ରାଜ୍ୟର କଳାକାରମାନେ କଳା ପ୍ରଦର୍ଶନ କରିବେ।

# ଏମ୍‌ପି, ଜିଲାପାଳଙ୍କ ଉଚ୍ଚସୋପାନ ସେତୁ ପରିଦର୍ଶନ

- ଗେଙ୍ଗୁଟି ପୋଲ ନିର୍ମାଣ ସରିଛି, ଆପ୍ରୋଚ୍ ରୋଡ୍ ହୋଇପାରୁନି
- ଜମି ଅଧିଗ୍ରହଣ ସମସ୍ୟା ସମାଧାନ ପାଇଁ ତହସିଲଦାରଙ୍କୁ ନିର୍ଦ୍ଦେଶ

ଧାମନଗର, ୨୮।୨(ଡି.ଏନ.ଏ)



ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସେତୁ ପରିଦର୍ଶନ କରୁଛନ୍ତି।

ଭଦ୍ରକ ଜିଲା ଧାମନଗର ବ୍ଲକ ଦୋବଲ ବଜାର ନିକଟରେ ଗେଙ୍ଗୁଟି ନଦୀ ଉପରେ ଏକ ଉଚ୍ଚସୋପାନ ସେତୁ ନିର୍ମାଣ କରାଯାଇଛି। ହେଲେ ଦୁଇପାର୍ଶ୍ୱରେ ଆପ୍ରୋଚ ରୋଡ୍ କରା ନ ଯିବାରୁ ପୋଲ ଲୋକଙ୍କ କାମରେ ଆସୁନି। ବୈତରଣୀ ନଦୀରେ ବନ୍ୟା ଆସିଲେ ଶାଖା ଗେଙ୍ଗୁଟିରେ ବଡ଼ ବନ୍ୟା ଆସି ଏଠାରେ ଥିବା ପୁରୁଣା କଂକ୍ରିଟ ପୋଲ ବୁଡ଼ିଯାଇ ଯାତାୟାତ ବନ୍ଦ ହୋଇଥାଏ। ବନ୍ୟା ସମୟରେ ୫ ପଞ୍ଚାୟତର ଲୋକେ ଧାମନଗର କିମ୍ବା ଦୋବଲ ବଜାରକୁ ଆସିପାରନ୍ତି ନାହିଁ। ବିଶେଷକରି ଆନନ୍ଦପୁର, ପାହାଡ଼ପୁର, ଦକ୍ଷିଣକୁରୁଆ, କାଞ୍ଚିଆପାଳ, ଖଡ଼ିପଦା, ସୋହଡ଼ା, ଖଙ୍ଗରା, ଷେଣ୍ଢପୁର, ବେଦପୁର ଓ ସାପୁଆପାଟଣା ଅଞ୍ଚଳର ଲୋକ ବ୍ଲକ ହେଡକ୍ୱାର୍ଟରଠାରୁ ବିଚ୍ଛିନ୍ନ ହୋଇଯାଆନ୍ତି। ଏଣୁ ଏଠାରେ ଉଚ୍ଚସୋପାନ ପୋଲ ନିର୍ମାଣ କାମ ବର୍ଷେରୁ ଊର୍ଦ୍ଧ୍ୱ ହେଲା ସରିଥିଲେ ମଧ ଜମିଅଧିଗ୍ରହଣ ସମସ୍ୟା ଯୋଗୁ ଆପ୍ରୋଚ୍ ରୋଡ୍ ହୋଇପାରୁ ନାହିଁ। ମଙ୍ଗଳବାର ଅପରାହ୍ନରେ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ତହସିଲଦାର କ୍ଷୀରୋଦ କୁମାର ପଣ୍ଡା, ପୂର୍ତ୍ତ ଓ ଗୃହ ବିଭାଗ ସହକାରୀ ଯନ୍ତ୍ରୀ ଅମ୍ବିକା ବଲ୍ଲଭ ସ୍ୱାଇଁ ପ୍ରମୁଖ ଏହି ସେତୁ ପରିଦର୍ଶନ କରିଛନ୍ତି। ପାରିପାର୍ଶ୍ୱିକ ଅବସ୍ଥା ଅନୁଧ୍ୟାନ କରି ତୁରନ୍ତ ଜମି ଅଧିଗ୍ରହଣ ସମସ୍ୟା ସମାଧାନ ପାଇଁ ଧାମନଗର ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତୁରନ୍ତ ଉଭୟ ପକ୍ଷଙ୍କୁ ଡାକି ଓ ଜମି ମାପଚୁପ କରିବାକୁ ଜିଲାପାଳ ତହସିଲଦାର ପଣ୍ଡାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଥାଉ କି, ବନ୍ୟା ସମୟରେ ସମସ୍ୟା ନେଇ ଲୋକେ ବାରମ୍ବାର ଧାମନଗରର ତତ୍କାଳୀନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କୁ ଗେଙ୍ଗୁଟି ନଦୀରେ ପୁରୁଣା ପୋଲ ନିକଟରେ ଆଉ ଗୋଟିଏ ଉଚ୍ଚସୋପାନ ସେତୁ ନିର୍ମାଣ ଲାଗି ଅନୁରୋଧ କରିଥିଲେ। ସେ ମଧ ପ୍ରତିଶ୍ରୁତି ଦେଇଥିଲେ। ଅର୍ଥ ମଞ୍ଜୁର ପରେ ୨୦୧୮ ଜାନୁୟାରୀ ୩୦ରେ ପୂର୍ତ୍ତ ବିଭାଗ ପକ୍ଷରୁ ପୋଲ ନିର୍ମାଣ ପାଇଁ ଟେଣ୍ଡର ଡକାଯାଇଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ୧୦ କୋଟି ୬୭ ଲକ୍ଷ ୫୫ ହଜାର ୨୪୭ ଟଙ୍କା ବ୍ୟୟବରାଦ ହୋଇଥିଲା।

## କାମରେ ଆସୁନି ଆର୍‌ଏମ୍‌ସି ଗୋଦାମ



ନିୟନ୍ତ୍ରିତ ବଜାର କମିଟିର ଗୋଦାମ ଘର।

ବାଲିଆପାଳ, ୨୮।୨(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଦେଉଳା ପଞ୍ଚାୟତ ଅଧୀନ ବାସୁଦେବପୁରଠାରେ ୧୦ବର୍ଷ ପୂର୍ବରୁ ୨ଏକରରୁ ଊର୍ଦ୍ଧ୍ୱ ସରକାରୀ ଜାଗାରେ ଜଳେଶ୍ୱର ନିୟନ୍ତ୍ରିତ ବଜାର କମିଟି (ଆର୍‌ଏମ୍‌ସି) ପକ୍ଷରୁ ଗୋଦାମ ଘର ନିର୍ମାଣ ହୋଇଛି। ଆଜି ଯାଏ ଏହି ଘର ସରକାରୀ ସ୍ତର ହେଉ କି ବେସରକାରୀ ସ୍ତରରେ କୌଣସି କାର୍ଯ୍ୟରେ ଆସୁନାହିଁ। ନିର୍ମାଣଦିନଠାରୁ ଫାଟକରେ ତାଲା ଝୁଲୁଛି। ଏପରିକି ତାଲାରେ କଳଙ୍କି ପଡ଼ି ଲୁହା ଝଡ଼ି ପଡ଼ିଲାଣି। ଗୋଦାମ ଘର କାର୍ଯ୍ୟରେ ଲାଗୁ ନ ଥିବାରୁ ବର୍ଷ ବର୍ଷ ଧରି ପଡ଼ି ରହି ଆଜବେଷ୍ଟସ ଛପର ଭାଙ୍ଗିଗଲାଣି। ଲୁହା ଗେଟ୍‌ରେ କଳଙ୍କି ଲାଗି ନଷ୍ଟ ହେବାକୁ ବସିଲାଣି। କାହାରି କାର୍ଯ୍ୟରେ ଆସୁନଥିବାରୁ ଏତେ ବଡ଼ ଗୋଦାମ ଘର ଓ ତତ୍‌ସଂଲଗ୍ନ ଅଞ୍ଚଳ ଜଙ୍ଗଲ ପରି ଦେଖାଯାଉଛି। ଏହି ଗୋଦାମ ଘର ବିଷୟରେ ବିଭାଗୀୟ ଅଫିସରଙ୍କ ପାଖରେ କୌଣସି ଖବର ନାହିଁ। କେବଳ ମୁଖ୍ୟ ଫାଟକରେ ଏହା ନିୟନ୍ତ୍ରିତ ବଜାର କମିଟି ଜଳେଶ୍ୱରର ଗୋଦାମ ଘର ବୋଲି ଲେଖାଯାଇଛି। ହେଲେ ଏହି ବିଭାଗର ବାଲିଆପାଳରେ କୌଣସି ଶାଖା କାର୍ଯ୍ୟାଳୟ ନାହିଁ। ସରକାରୀ ଅର୍ଥରେ ତିଆରି ହୋଇଥିବା ଏହି ଗୋଦାମ ଘର ସରକାରୀ ଅର୍ଥରେ ତିଆରି ହୋଇଛି। ଏହାକୁ ସଦ୍‌ବିନିଯୋଗ କରାଯିବା ଲାଗି ସାଧାରଣରେ ଦାବି ହୋଇଛି।

## ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ପରିଚାଳନା କର୍ମଶାଳା



କର୍ମଶାଳାରେ ଛାତ୍ରୀଛାତ୍ରଙ୍କ ଗହଣରେ ଅତିଥିଗଣ।

ରୂପସା, ୨୮।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ବସ୍ତା ଥାନା ଗୋଠଗଡ଼ିଆସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସରରେ ସୁରେନ୍ଦ୍ରନାଥ ଜେନା ସ୍ମୃତି କମିଟି ଆନୁକୂଲ୍ୟରେ ସଭାପତି ସୁମନ୍ତ କୁମାର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ପରିଚାଳନା କର୍ମଶାଳା ଅନୁଷ୍ଠିତ ହୋଇଛି। ଶିକ୍ଷାକେନ୍ଦ୍ରର ପ୍ରଧାନଶିକ୍ଷକ ଜୟକୃଷ୍ଣ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବାଲେଶ୍ୱର ଜିଲା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଗୌରାଙ୍ଗ ପଣ୍ଡା ଯୋଗଦେଇ ପ୍ଲାଷ୍ଟିକ ବ୍ୟବହାରକୁ କ୍ରମଶଃ ହ୍ରାସ କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସହକାରୀ ଶିକ୍ଷକ ସୁବାସ ଚନ୍ଦ୍ର ପାଣି ଓ ଦମୟନ୍ତୀ ମହାପାତ୍ର ପ୍ରମୁଖ ଯୋଗଦେଇ ପ୍ଲାଷ୍ଟିକ ପ୍ରଦୂଷଣକୁ ପ୍ରତିହତ କରିବା ପାଇଁ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁର ପରିଚାଳନା ଏକାନ୍ତ ଅପରିହାର୍ଯ୍ୟ ବୋଲି କହିଥିଲେ। ଆଶ୍ୱାସନା ମହାପାତ୍ର, ବର୍ଷାରାଣୀ ମହାପାତ୍ର, ଅର୍ଚ୍ଚିତା ବିଶ୍ୱାଳ ଓ ଶୁଭଶ୍ରୀ ବେହେରା ପ୍ରମୁଖ ଆମ ପରିବେଶ ଆମରି ହାତେ ଶୀର୍ଷକ ପରିବେଶ ସଙ୍ଗୀତ ପରିବେଷଣ କରିଥିଲେ। ଜ୍ୟୋତିପ୍ରକାଶ ଜେନା, ଅମିତ କୁମାର ଜେନା, ସୌରଭ ପ୍ରଧାନ, ଚିରଞ୍ଜୀବ ଗୋଚ୍ଛାୟତ ଓ ଆଶୁତୋଷ ପାଣି ପ୍ରମୁଖ ଛାତ୍ରମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗୁରୁମା ଆରତୀ ଖଟୁଆ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଛାତ୍ରଛାତ୍ରୀଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ସସ୍ମିତ କୁମାର ଗୋଚ୍ଛାୟତ ଧନ୍ୟବାଦ ଅର୍ପଣ କରିଥିଲେ।

## ମାମଲା ରୁଜୁ ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶ

ଖଇରା, ୨୮।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ତହସିଲ କୁପାରୀ ରାଜସ୍ୱ କ୍ଷେତ୍ର ଅଧୀନ ବରପଦା ଅଞ୍ଚଳରେ ବ୍ୟାପକ ମାଙ୍କଡା ପଥର ଚୋରାଚାଲାଣ ଖବର ଗଣାମାଧ୍ୟମରେ ପ୍ରକାଶ ପରେ ଜିଲା ପ୍ରଶାସନ ଓ ଖଇରା ରାଜସ୍ୱ ବିଭାଗ କର୍ମଚାରୀଙ୍କ ମଧ୍ୟରେ ତତ୍ପରତା ପ୍ରକାଶ ପାଇଛି। ସୋମବାର ମାଙ୍କଡା ଖଣିରୁ ପଥର ଚୋରାଚାଲାଣ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଖଇରା ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବ୍ୟକ୍ତିଗତ ଜାଗା ହେଲେ ମାମଲା ରୁଜୁ ସହ ଗୋଟିଏ ଡିସିମିଲ ଜାଗା ପାଇଁ ୫ଲକ୍ଷ ଲେଖାଏଁ ଜରିମାନା ଧାର୍ଯ୍ୟ କରିବା ସହ ସରକାରୀ ଜାଗା ହୋଇଥିଲେ ସମସ୍ତ ପଥର ସିଜ୍ କରି ନିଲାମ କରିବାକୁ କୁହାଯାଇଛି। ନିର୍ଦ୍ଦେଶ ପରେ ଅତିରିକ୍ତ ତହସିଲଦାର ସନ୍ଦୀପ ଶୁଭଦର୍ଶନ ଧଳ କୁପାରୀ ରାଜସ୍ୱ କ୍ଷେତ୍ରର ବିଭିନ୍ନ ଖଣି ଓ କ୍ରଶରଗୁଡ଼ିକ ଗସ୍ତ କରି ସମସ୍ତ ବିଷୟ ତଦାରଖ କରିଛନ୍ତି। ସେପଟେ ଖଇରା ପୋଲିସ ମଧ ତତ୍ପରତା ଦେଖାଇ ସୋମବାର ଧାନଘରପଦା ଗ୍ରାମ ନିକଟରେ ମାଙ୍କଡା ପଥର କାଟୁଥିବା ଏକ ପାୱାରଟିଲରକୁ ଜବତ କରିଛି। ମାଙ୍କଡା ପଥର ଚୋରି ସମ୍ପର୍କରେ ରବିବାର ଦୈନିକ ଧରିତ୍ରୀରେ ପ୍ରକାଶ ପାଇଥିଲା।

# ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ




ଅସଙ୍ଗଠିତ ଶ୍ରମିକ ସଂଘ ସମନ୍ୱୟ ସମିତିର ଶୋଭାଯାତ୍ରା।

### ଶ୍ରମିକ, କୃଷକ, କଳାକାରଙ୍କ ସମସ୍ୟା ସମାଧାନ ଦାବି

ଭଦ୍ରକ ଅଫିସ,୨୮।୨

ଓଡ଼ିଶା ଅସଙ୍ଗଠିତ ଶ୍ରମିକ ସଂଘ ସମନ୍ୱୟ ସମିତି ପକ୍ଷରୁ ଶ୍ରମିକ, କୃଷକ, ଓ କଳାକାରମାନଙ୍କ ବିଭିନ୍ନ ସମସ୍ୟା ସମାଧାନ ଦାବିରେ ମଙ୍ଗଳବାର ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି। ଜିଲାର ବିଭିନ୍ନ ବ୍ଲକରୁ ଆସିଥିବା କୃଷକ, ଶ୍ରମିକ ଓ କଳାକାରମାନେ ଭଦ୍ରକ ନେହେରୁ ଷ୍ଟାଡିୟମରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଜିଲାପାଳଙ୍କ ଅଫିସ୍ ନିକଟରେ ପହଞ୍ଚି ପ୍ରତିବାଦ କରିଥିଲେ। ଦୀର୍ଘବର୍ଷ ଧରି ଶ୍ରମ କାର୍ଯ୍ୟାଳୟରେ ପଡ଼ିରହିଥିବା ବ୍ୟାକ୍‌ଲଗ୍ ପଞ୍ଜୀକରଣ ସହ ସହାୟତା ଦରଖାସ୍ତଗୁଡ଼ିକ ତୁରନ୍ତ ସମାଧାନ, ନିର୍ମାଣ ଶ୍ରମିକମାନଙ୍କ ଅନ୍‌ଲାଇନ ବାର୍ଷିକ ନବୀକରଣ ତୁରନ୍ତ ଆପ୍ରୋଭାଲ, ନିର୍ମାଣ ଶ୍ରମିକ ଯୋଜନାରେ ଅସମ୍ପୂର୍ଣ୍ଣ ଘରଗୁଡ଼ିକ ସମ୍ପୂର୍ଣ୍ଣ ପାଇଁ ବକେୟା ଅର୍ଥ ପ୍ରଦାନ ଏବଂ ଯୋଗ୍ୟ ହିତାଧିକାରୀମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରାଯାଉ ବୋଲି ପ୍ରତିବାଦ ସଭାରେ ଦାବି ହୋଇଛି।

ସମିତିର ରାଜ୍ୟ ସଭାପତି ନୃସିଂହ ଚରଣ ମିଶ୍ର, ସାଧାରଣ ସମ୍ପାଦକ ଦୀନବନ୍ଧୁ ସାହୁ, ସମ୍ପାଦକ ମାନସ ଜେନା, ଖବରଦାତା ରମେଶ କୁମାର ମହାନ୍ତି, ଜିଲା ଶାଖାର ଅମିୟ ନାୟକ, କ୍ଷୀରସିନ୍ଧୁ ନାୟକ, ଶୁଭାଶିଷ ନାୟକ, ଅମୂଲ୍ୟ କୁମାର ଭୋଇ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଡେପୁଟି କଲେକ୍ଟର ବସନ୍ତ କୁମାର ଲେଙ୍କାଙ୍କୁ ସମିତି ପକ୍ଷରୁ ୫ ଦଫା ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପୂର୍ବରୁ ପତ୍ର ମାଧ୍ୟମରେ ଉପସ୍ଥିତ ରହିବାକୁ ସମିତି ପକ୍ଷରୁ ଅନୁରୋଧ କରାଯାଇଥିଲେ ମଧ ଜିଲାପାଳ ଉପସ୍ଥିତ ନ ରହିବାରୁ ସମିତିର କର୍ମକର୍ତ୍ତାମାନେ କ୍ଷୋଭ ପ୍ରକାଶ କରିଥିଲେ।

## ସାନ୍ତରାପୁରରେ ଧର୍ମ ସମ୍ମିଳନୀ

ଢେଙ୍କିକୋଟ,୨୮।୨(ଡି.ଏନ.ଏ)




କେନ୍ଦୁଝର ଜିଲା ଢେଙ୍କିକୋଟ ପୋଲିସ ବିଟ ହାଉସ ଅନ୍ତର୍ଗତ ସାନ୍ତରାପୁର ପଞ୍ଚାୟତ ସାନ୍ତରାପୁର ମୁସଲିମ ବସ୍ତିରେ ଧର୍ମ ସମ୍ମିଳନୀ ଜଲସା ରବିବାର ଅନୁଷ୍ଠିତ ହୋଇଯାଇଛି। ସାନ୍ତରାପୁର ମୁସଲିମ କମିଟି ଦ୍ୱାରା ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବେଙ୍ଗାଲୁରୁରୁ ମୁସଲିମ ମୌଲବି ମୁନୱାର ହୋସେନ, ସମ୍ମାନୀୟ ଅତିଥି ଭାବେ କେନ୍ଦ୍ରାପଡ଼ାରୁ ମୌଲନା ଫାରୁକ ହୋସେନ, ବଡ଼ବିଲରୁ ମୁଫତି ମୌଲବି ଜାହିର ହୋସେନ ଯୋଗଦେଇଥିଲେ। ସାନ୍ତରାପୁରର ମୌଲବି ସେକ ଇରଫାନଙ୍କ ତତ୍ତ୍ୱାବଧାନରେ ଜିଲା ବିଜେଡି ସମ୍ପାଦକ ଦେବାଶିଷ ପାତ୍ର, ସମାଜିକ କର୍ମୀ ସିକନ ପାଢ଼ୀ, ପରେଶ କୁଅଁର ଯୋଗଦେଇଥିଲେ। ସମ୍ମିଳନୀରେ ଜିଲା ତଥା ଜିଲା ବାହାରୁ ୩ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଯୋଗଦେଇଥିଲେ।

## ଜାତୀୟ ବିଜ୍ଞାନ ଦିବସ ପାଳିତ

କେନ୍ଦୁଝର,୨୮।୨(ଡି.ଏନ୍.ଏ)

କେନ୍ଦୁଝରଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷା ବିଜ୍ଞାନ ପରିଦର୍ଶକ ପରମେଶ୍ୱର ମହାନ୍ତ ଯୋଗଦେଇଥିଲେ। ପ୍ରଧାନଆଚାର୍ଯ୍ୟ ରାଜେନ୍ଦ୍ର ପ୍ରସାଦ ଅଗସ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଲେଖ ମହାନ୍ତଙ୍କ ସହିତ ବିଜ୍ଞାନ ବିଭାଗର ମନୋରଞ୍ଜନ ପରିଡ଼ା, ବିଶ୍ୱବନ୍ଦିତା ଦାସ, ସତ୍ୟପ୍ରିୟ ମହାନ୍ତି, ଅମୂଲ୍ୟ ରାଉତ, କୁଳମଣି ମହାନ୍ତ ପ୍ରମୁଖ ଗୁରୁଜୀ ଗୁରୁମା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନୂତନ ବିଡିଓଙ୍କୁ ଜନ ପ୍ରତିନିଧିଙ୍କ ସମ୍ବର୍ଦ୍ଧନା

କେନ୍ଦୁଝର,୨୮।୨(ସ୍ୱ.ପ୍ର)

କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକ୍‌ରେ ନୂତନ ଭାବରେ ଯୋଗ ଦେଇଥିବା ବିଡିଓ ବିଚିତ୍ର କରଙ୍କୁ ସୋମବାର ବ୍ଲକ୍‌ର ସମସ୍ତ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ବ୍ଲକ୍ ଅଧ୍ୟକ୍ଷା ମାଳତୀ ନାଏକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ନିର୍ବାଚିତ ଲୋକପ୍ରତିନିଧିମାନେ ସାମିଲ ହୋଇ ପଞ୍ଚାୟତ ସମସ୍ୟା ସମ୍ପର୍କରେ ମଧ କହିଥିଲେ। ପ୍ରତିପଞ୍ଚାୟତରେ ଲାଗି ରହିଥିବା ପାନୀୟ ଜଳର ସମସ୍ୟାଠାରୁ ଆରମ୍ଭ କରି ଭତ୍ତା, ରାସ୍ତା, ରାସନ ଆଦି ସମସ୍ୟା ଉପରେ ସରପଞ୍ଚ ଓ ନିର୍ବାଚିତ ପ୍ରତିନିଧିମାନେ ଗୁରୁତ୍ୱ ଦେବାକୁ ବିଡିଓ କର ପରାମର୍ଶ ଦେଇଥିଲେ। ସମ୍ବର୍ଦ୍ଧନା ସଭାରେ ୨୨ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ ସମେତ ବିଭିନ୍ନ ଗ୍ରାମର ବରିଷ୍ଠ ନାଗରିକ ଯଦୁ ରାଉତ, ଧନେଶ୍ୱର ମହାନ୍ତ, ବିପିନ ଆପଟ, ଶ୍ରୀବସ୍ତ ସାହୁ, ଉମ୍ବରୁଧର ବାରିକ, ପ୍ରତାପ ସାହୁ, ସୋନୁ ନାଏକ ରିଜୁ ମହାନ୍ତ ପ୍ରମୁଖ ଶତାଧିକ ସାଧାରଣ ଜନତା ନୂତନ ବିଡିଓଙ୍କୁ ଫୁଲ ତୋଡ଼ା ଦେଇ ସ୍ୱାଗତ କରିଥିଲେ।

# ଆମ୍ ଆଦମୀ ପାର୍ଟିର ବିକ୍ଷୋଭ

ବାରିପଦା ଅଫିସ,୨୮।୨

ମୟୂରଭଞ୍ଜ ଜିଲା ଆମ୍ ଆଦମୀ ପାର୍ଟି ପକ୍ଷରୁ ବିଭିନ୍ନ ଦାବି ନେଇ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଶଙ୍କର୍ଷଣ ମିଶ୍ରଙ୍କ ନେତୃତ୍ୱରେ ଦଳୀୟ କର୍ମକର୍ତ୍ତାମାନେ ଏକ ରାଲିରେ ବାହାରି ବଜାର ପରିକ୍ରମା ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ମିଶନଶକ୍ତିର କର୍ମଚାରୀମାନଙ୍କୁ ସ୍ଥାୟୀ କରାଯିବା, ୩୦୦ୟୁନିଟ ପର୍ଯ୍ୟନ୍ତ ବିଦ୍ୟୁତ୍ ବିଲ୍ ଛାଡ଼ କରିବା, ଏମ୍‌ବିକେ, ସିଆର୍‌ପି, ପ୍ରାଣୀ ମିତ୍ର, କୃଷି ମିତ୍ର, ବ୍ୟାଙ୍କ ମିତ୍ର, ଏଲ୍‌ଏସ୍‌ପି ପ୍ରଭୃତି ସହାୟକ କର୍ମଚାରୀଙ୍କୁ ସ୍ଥାୟୀ କରିବା ସହ ଦରମା ବୃଦ୍ଧି କରିବାକୁ ଦଳ ପକ୍ଷରୁ ଦାବି କରାଯାଇଛି। ଏ ସଂକ୍ରାନ୍ତରେ ଏକ ଦାବିପତ୍ର ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି।




ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ଆମ୍ ଆଦମୀ ପାର୍ଟିର କର୍ମକର୍ତ୍ତା।

# କ୍ଷେତଖାଉଛି ବାଙ୍କ ନାଳ

## ଚାଷ ସହ ଜମି ହରାଇବେ ଚାଷୀ



ଚମ୍ପୁଆ,୨୮।୨(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଚମ୍ପୁଆ ଏନ୍‌ଏସି ଅନ୍ତର୍ଗତ ଗୋଧୂଳି ଗ୍ରାମରେ ଚାଷୀମାନଙ୍କର ପାଇଁ ଚିରସ୍ରୋତା ବାଙ୍କ ନାଳ ଏନେଇ ଦୁଃଖର କାରଣ ସାଜିଛି। ନାଳକଡ଼ ଖାଇ ଦିନକୁ ଦିନ ଓସାର ହେଉଥିବା ବେଳେ ନାଳଗର୍ଭରେ ଅନେକଙ୍କ ଚାଷଜମି ଲୀନ ହୋଇଗଲାଣି। ଦିନେ ଉକ୍ତ ନାଳ ଚାଷୀମାନଙ୍କ ପାଇଁ ବରଦାନ ପାଲଟିଥିବା ବେଳେ ଏବେ ଅଭିଶାପ ହୋଇଯାଇଛି। ଏନେଇ ପ୍ରଶାସନ କୌଣସି ପଦକ୍ଷେପ ନ ନେଲେ ଚାଷ ସହ କ୍ଷେତ ହରାଇବାକୁ ପଡ଼ିବ ବୋଲି ଚାଷୀମାନେ କହିଛନ୍ତି।

ସୂଚନା ଅନୁଯାୟୀ, ସୁନାପଶି ପଞ୍ଚାୟତରୁ ଉକ୍ତ ନାଳ ବାହାରି ଜାମୁଦଳକ ପଞ୍ଚାୟତ, ଚମ୍ପୁଆ ଏନ୍‌ଏସିର ଗୋଧୂଳି ଦେଇ ବୈତରଣୀ ନଦୀରେ ମିଶିଛି। ବର୍ଷ ତମାମ ନାଳରେ ଅଳ୍ପ ବହୁତ ପାଣି ରହୁଥିବାରୁ ପୂର୍ବରୁ ନାଳ ସନ୍ନିକଟ ଚାଷୀ ଜମିରେ ସୁବିଧାରେ ପାଣି ମଡ଼ାଇ ଲାଭବାନ ହେଇପାରୁଥିଲେ। ନାଳ କଡ଼ରେ ସୁରକ୍ଷା ବାଡ଼ କରା ନ ଯିବାରୁ ସମୟ କ୍ରମେ ନାଳ ଗଭୀର ହୋଇଗଲା। ଏହାର ମରାମତି ପ୍ରତି ବିଭାଗ ଧ୍ୟାନ ନ ଦେବାରୁ ଚାଷୀମାନଙ୍କ ଚାଷଜମି ନାଳରେ ମିଶିଯାଉଛି। ନାଳ ହୁଡ଼ା ଧୋଇ ଜମି ନଷ୍ଟ ହେବା ସହିତ ନାଳର ଅପର ପାଖରେ ଥିବା ଜମିକୁ ଯିବା ପାଇଁ ଚାଷୀମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନାଳ ପାଣିକୁ ମଧ ଚାଷରେ ବ୍ୟବହାର କରାଯାଇ ପାରୁନାହିଁ। ଏନେଇ ବିଭାଗୀୟ ଅଧିକାରୀ ବନମାଳୀ ପାତ୍ର କହିଛନ୍ତି, ସେ ଘଟଣାସ୍ଥଳ ବୁଲି ଦେଖିବା ସହ ତୁରନ୍ତ ଏଥିପ୍ରତି ପଦକ୍ଷେପ ନେବେ।

### ଏମାନେ କ'ଣ କୁହନ୍ତି...



"ଦୀର୍ଘ ୨୦-୨୫ ବର୍ଷ ତଳେ ନାଳ ଗଭୀର ନ ଥିଲା। ନାଳର ପାଣି ଚାଷଜମିରେ ବ୍ୟବହାର କରାଯାଉଥିଲା। ମାତ୍ର ବର୍ତ୍ତମାନ ନାଳଟି ଗଭୀର ହୋଇ ଜମିକୁ ଧୋଇ ନେଇଗଲାଣି। ସୁରକ୍ଷା ବାଡ଼ ଆବଶ୍ୟକ, ନଚେତ୍ ଜମି ନାଳରେ ମିଶିଯିବ।

- ଚତୁର୍ଭୁଜ ନାଏକ, ଚାଷୀ



"ନାଳର ଗଭୀରତା ବଢୁଥିବାରୁ ନାଳ ସେପାଖ ଜମିକୁ ହଳ ଲଙ୍ଗଳ ନେଇ ଯିବା ବହୁ କଷ୍ଟକର ହୋଇପଡ଼ିଲାଣି। ଗଭୀରତା ହେତୁ ନାଳ ପାଣି ନାଳରେ ନ ରହି ନଦୀକୁ ପଳାଉଛି। ଫଳରେ ଚାଷ କରିବାରେ ଅସୁବିଧା ହେଉଛି।

- ଦୁଷ୍ମନ୍ତ ନାଏକ, ଚାଷୀ



"ବିଭାଗ ଦୃଷ୍ଟି ନ ଦେଲେ ଆଗକୁ ଚାଷୀ ଚାଷ ଜମି ହରାଇବା ସହିତ ଚାଷ ମଧ ହରାଇବେ। ଉକ୍ତ ସମସ୍ୟା ପ୍ରତି ବିଭାଗ ଦୃଷ୍ଟି ଦେଲେ ଚାଷୀକୁଳ ଉପକୃତ ହେବେ।

-ସତ୍ୟବାନ ନାଏକ, ଚାଷୀ

## ବସ୍ତାରୁ ଅଜଣା ବ୍ୟକ୍ତି ଉଦ୍ଧାର

**ବସ୍ତା (ଡି.ଏନ.ଏ.):** ବସ୍ତା ଅଞ୍ଚଳରେ ମଙ୍ଗଳବାର ସନ୍ଧ୍ୟାରେ ଏକ ଅଜଣା ବ୍ୟକ୍ତି ବୁଲୁଥିବା ବେଳେ ସ୍ଥାନୀୟ ଲୋକେ ଧରି ପୋଲିସକୁ ଖବର ଦେଇଥିଲେ। ଧରିବା ସମୟରେ ସେ ଲୋକଙ୍କୁ କାମୁଡିବା ପାଇଁ ଚେଷ୍ଟା କରିଥିଲେ। ତାଙ୍କ ଭାଷା କେହି ବୁଝି ପାରୁ ନ ଥିବାରୁ ସ୍ଥାନୀୟ ସାମାଜିକ କର୍ମୀ ଚିନ୍ମୟ କୁମାର ଶତପଥି ତୁରନ୍ତ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରି ବସ୍ତା ଡାକ୍ତଖାନାରେ ତାର ସ୍ୱାସ୍ଥ୍ୟ ଯାଞ୍ଚ କରାଇବା ସହ ସେ ତାମିଲ ଭାଷା କହୁଥିବା ପ୍ରାଥମିକ ତଦନ୍ତ ବେଳେ ଜଣାପଡ଼ିଛି।

## ସଂକ୍ଷେପରେ

### ସତ୍‌ସଙ୍ଗ ବିହାରରେ ସ୍ୱସ୍ତି ଶ୍ରୀପାଳୀ ମହୋତ୍ସବ

**ବାରିପଦା ଅଫିସ,୨୮।୨:** ମୟୂରଭଞ୍ଜ ଜିଲା ବାରିପଦା ଚିପଟଅସ୍ତିଆସ୍ଥିତ ସତ୍‌ସଙ୍ଗ ବିହାରରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୫ତମ ଜନ୍ମ ଦିବସ ପାଳନ ଅବସରରେ ଜିଲାସ୍ତରୀୟ ସ୍ୱସ୍ତି ଶ୍ରୀପାଳୀ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ରାହ୍ମ ମୁହୂର୍ତ୍ତରେ ବେଦ ମାଙ୍ଗଳିକ ଓ ନହବତ, ପ୍ରତ୍ୟୁଷରେ ଉଷାକୀର୍ତ୍ତନ, ଉଷା ବିନତି ପ୍ରାର୍ଥନା, ଧର୍ମାଦିଗ୍ରନ୍ଥ ପାଠ, ପ୍ରଣାମ ପରେ ଠାକୁରଙ୍କର ସୁସଜ୍ଜିତ ବିଗ୍ରହ ସହ ବର୍ଣ୍ଣାଢ୍ୟ ଶୋଭାଯାତ୍ରା ଓ ମହାସଂକୀର୍ତ୍ତନ ମଣ୍ଡଳୀ ବାରିପଦା ନଗର ପରିକ୍ରମା କରିଥିଲେ। ପ୍ରଧାନ ସେବକ ସତ୍‌ସଙ୍ଗର ସହପ୍ରତି ଋତ୍ୱିକ ବେଣୁଧର ମହାରଣାଙ୍କ ପୌରୋହିତ୍ୟରେ ଉତ୍ସବ ମଣ୍ଡପରେ ସତ୍‌ସଙ୍ଗ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଉଦଳାର ସହପ୍ରତି ଋତ୍ୱିକ ଦେବେନ୍ଦ୍ର କୁମାର ଦାସ ସଭାର ଆଭିମୁଖ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ଡା.ତପନ କୁମାର ମାଟିଆ। ଶ୍ରୀ ଶ୍ରୀ ଠାକୁରଙ୍କ ସତ୍‌ସଙ୍ଗ ଏକ ମଣିଷ ତିଆରି କାରଖାନା ବୋଲି କହିବା ସହ ସମାଜ ଗଠନରେ ଶିକ୍ଷା, ଦୀକ୍ଷା ଓ ବିବାହ ଉପରେ କିପରି ଠାକୁର ଗୁରୁତ୍ୱାରୋପ କରିଛନ୍ତି ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବେ ସାଲେପୁରର ସାହିତ୍ୟିକ ବିଭୁ ପ୍ରସାଦ ଆଚାର୍ଯ୍ୟ ଯୋଗଦେଇ ଜୀବନରେ ଆଦର୍ଶ ଓ ଗୁରୁଙ୍କର ଆବଶ୍ୟକତା ସମ୍ପର୍କରେ କହିଥିଲେ। ବାରିପଦାର ରବୀନ୍ଦ୍ର ନାଥ ପାତ୍ର ଧନ୍ୟବାଦ ଦେଇଥିଲେ। ପ୍ରତାପ କୁମାର ପୁଷ୍ପାଳକ, ଶ୍ରୀକଣ୍ଠ ସାମଲ, ବିଜ୍ଞାନ ଭୂଷଣ ମହାପାତ୍ର ପ୍ରମୁଖ ଭଜନ କୀର୍ତ୍ତନ କରିଥିଲେ। ଶଙ୍କର୍ଷଣ ସାହୁ, ଜଗଦୀଶ ସାହୁ, ମୁକ୍ତିକାନ୍ତ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### 'ଶିକ୍ଷକ ହେଉଛନ୍ତି ସମାଜ ସଂସ୍କାରକ'

**ଭଣ୍ଡାରିପୋଖରୀ,୨୮।୨(ସ୍ୱ.ପ୍ର.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ନଗୁଆ ପଞ୍ଚାୟତଠାରେ ଡଗରପଡ଼ା ହାଇସ୍କୁଲର ପ୍ରଧାନ ଶିକ୍ଷକ ପଦ୍ମନାଭ ଦାସଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଶିକ୍ଷାବିତ୍ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ରୋଟାରିଆନ ଅଜିତ କୁମାର ଦାସ, ସମ୍ମାନିତ ଅତିଥି ଅବସରପ୍ରାପ୍ତ ପ୍ରାଧ୍ୟାପକ ସୁଧାଂଶୁ ନାୟକ, ମୁଖ୍ୟବକ୍ତା ଡା. ପ୍ରଭାସ କୁମାର ମହାନ୍ତି ଏବଂ ନିମନ୍ତ୍ରିତ ଅତିଥି ଭାବେ ଅଧ୍ୟାପକ ନିହାର ରଞ୍ଜନ କର, ନାଟ୍ୟକାର ମନୋଜ କୁମାର ରାଉତରାୟ, ସରପଞ୍ଚ କାଞ୍ଚନବାଳା ପାତ୍ର, ସମିତିସଭ୍ୟ ପ୍ରତାପ ଦ୍ୱିବେଦୀ, ଶିକ୍ଷାବିତ୍ ସୁବଳ ଚରଣ ପତ୍ରୀ, ପୂର୍ଣ୍ଣଚନ୍ଦ୍ର ଦାସ, ପ୍ରଦୀପ୍ତ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ହେଉଛନ୍ତି ସମାଜ ସଂସ୍କାରକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ସାହୁ, ରବୀନ୍ଦ୍ର କୁମାର ସାହୁ, ପ୍ରାକ୍ତନ ସରପଞ୍ଚ ମାନସୀ ନାୟକ, ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଶିକ୍ଷକ ଅରୁଣ କୁମାର ବେହୁରିଆ ଅତିଥି ପରିଚୟ ଦେଇଥିଲେ। ଶିକ୍ଷୟିତ୍ରୀ ପ୍ରଗତି ପ୍ରାଣା ନାୟକ ବିବରଣୀ ପାଠ କରିଥିବା ବେଳେ ଅନୁପମା ଲେଙ୍କା ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ପ୍ରମୋଦ କୁମାର ସ୍ୱାଇଁ, ବାସୁଦେବ ମହାପାତ୍ର, ଦିବାକର ସ୍ୱାଇଁ, ନାରାୟଣ ଚନ୍ଦ୍ର ଜେନା, ସୁରେଶ ଚନ୍ଦ୍ର ସ୍ୱାଇଁ, ନାରାୟଣ ଚନ୍ଦ୍ର ବାରିକ, ନିରଞ୍ଜନ ସେନାପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଝିଅ ବାହାଦେବାକୁ ଯାଇ ଜୀବନ ଗଲା

**■ ମଧ ପ୍ରଦେଶରୁ ମୃତଦେହ ଜବତ**

**■ ହତ୍ୟା ଅଭିଯୋଗ ଆଣିଲେ ପୁଅ**

**ପାଟଣା,୨୮।୨(ସ୍ୱ.ପ୍ର.)**

ଧରମ ଝିଅକୁ ବିବାହ ଦେବାକୁ ମଧ୍ୟପ୍ରଦେଶ ଯାଇଥିବା କେନ୍ଦୁଝରର ଜିଲା ପାଟଣା ବ୍ଲକ୍ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ତାଙ୍କୁ ହତ୍ୟାକରି ଫିଙ୍ଗି ଦିଆଯାଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଟାଙ୍ଗରପଡ଼ା ପଞ୍ଚାୟତ ଗାଲଫୁଲା ଗ୍ରାମ ଉପର ସାହିର ଗଗନ ବିହାରୀ ନାଏକ। ମଧ୍ୟପ୍ରଦେଶ ପୋଲିସ(ନଂ.୨୦/୨୩)ରେ ମାମଲା ରୁଜୁ କରିଛି।

ସୂଚନା ଅନୁଯାୟୀ, ଗତ ଗୁରୁବାର ପାଟଣା ବ୍ଲକ୍ ଚିନାମାଳି ପଶି ଗ୍ରାମର ଧରମ ଝିଅ ଲିଲି ମୁଣ୍ଡାଙ୍କ ବିବାହ ପାଇଁ ମଧ୍ୟସ୍ଥି ସଞ୍ଜୟ ମହାନ୍ତଙ୍କ ସହ ଗଗନ ମଧ୍ୟପ୍ରଦେଶ ରାଜ୍ୟ ନିର୍ଦ୍ଦାପୁରମ ଜିଲା ସୁଆଗପୁର ଥାନା ବନଖେଡ଼ି ଗାଁକୁ ଯାଇଥିଲେ। ତେବେ ରବିବାର ଗଗନଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ସ୍ଥାନୀୟ ରେଳ ଷ୍ଟେଶନ ନିକଟରୁ ପୋଲିସ ଜବତ କରିଥିଲା। ସୁଆଗପୁର ପୋଲିସ ଦୁର୍ଘଟଣା ମାମଲା ରୁଜୁ କରି ସେଠାକାର ମେଡିକାଲରେ ଶବ ବ୍ୟବଚ୍ଛେଦ ପରେ ଅନ୍ତିମ ସଂସ୍କାର କରିଥିଲା। ଗଗନଙ୍କ ପୁଅ ମୁନା ନାଏକ ତାଙ୍କ ବାପାଙ୍କୁ ମାରି ଫିଙ୍ଗି ଦିଆଯାଇଛି ବୋଲି ସୋମବାର ପାଟଣା ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପାଟଣା ଥାନାଧିକାରୀ ମନୋରଞ୍ଜନ ପ୍ରଧାନ କହିଛନ୍ତି, ଘଟଣା ଘଟିଥିବା ଥାନା ଓ ଝିଅର ବାପଘର ଥିବା ଥାନା ଅଞ୍ଚଳରେ ଅଭିଯୋଗ କରିବା ପାଇଁ ଅଭିଯୋଗକାରୀଙ୍କୁ କୁହାଯାଇଛି। ଅନ୍ୟପକ୍ଷେ ପ୍ରତିବର୍ଷ ପାଟଣା ଓ ସାହାରପଡ଼ା ବ୍ଲକ୍ ଅଞ୍ଚଳର ଗରିବ ଓ ଅସହାୟ ମା'-ବାପାମାନେ ଯୁବତୀ ଓ ନାବାଳିକାଙ୍କୁ ଦଲାଲମାନଙ୍କ ମାଧ୍ୟମରେ ବିକ୍ରି କରିଦେଉଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟିଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

## ଗାୟତ୍ରୀ ମହାଯଜ୍ଞ, ସଂସ୍କାର ମହୋତ୍ସବ



ଗାୟତ୍ରୀ ଆଶ୍ରମ ପରିସରରେ ଅନୁଷ୍ଠିତ ଯଜ୍ଞ ଓ ପ୍ରବଚନ କାର୍ଯ୍ୟକ୍ରମ।

**ଖଇରା, ୨୮।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଗଡପୋଖରୀ ପଞ୍ଚାୟତ ଅଧୀନ ସିମୁଳିଆସ୍ଥିତ ଗାୟତ୍ରୀ ଆଶ୍ରମ ପରିସରରେ ରବିବାର ଓ ସୋମବାର ୨ଦିନ ଧରି ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଓ ସଂସ୍କାର ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ରବିବାର ସକାଳେ ଅନାମ ଚରଣ ପଣ୍ଡାଙ୍କ ଦ୍ୱାରା ଧର୍ମଧ୍ୱଜା ଉତ୍ତୋଳନ ପରେ ମହିଳା ମାନଙ୍କ ଦ୍ୱାରା କଳସ ଶୋଭାଯାତ୍ରା ଓ ପୁରୁଷମାନଙ୍କ ଦ୍ୱାରା ମଶାଲ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ପରେ ସୁକାନ୍ତ ସ୍ୱାଇଁ, ନୀଳମଣି ଦାସ, ସର୍ବେଶ୍ୱର ସାମଲ, ଦିବାକର ବଳିୟାରସିଂ, ସୂର୍ଯ୍ୟକାନ୍ତ ସ୍ୱାଇଁ ପ୍ରମୁଖ ଋଷିପୁତ୍ରମାନଙ୍କ ଦ୍ୱାରା ଯଜ୍ଞକର୍ମ ଅନୁଷ୍ଠିତ ହୋଇଥିଲା। ସୋମବାର ଯଜ୍ଞ ସଂସ୍କାର, ବିଦ୍ୟାରମ୍ଭ, ବ୍ରତ ପୂର୍ଣ୍ଣାହୁତି ସହ ସନ୍ଧ୍ୟାରେ ଦୀପଯଜ୍ଞ ମନଲୋଭା ଥିଲା। ୨ଦିନ ଧରି ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ମହାନ୍ତିଙ୍କ ଯୁଗଧର୍ମ ପାଳନ ଉପରେ ପ୍ରବଚନ ପ୍ରଦାନ କରାଯାଇଥିଲା। ସନ୍ତୋଷ କୁମାର ଦଳେଇ, ଭୋଳାନାଥ ସିଅଳ, ଗଦାଧର ପରିଡା, ଶ୍ରୀକାନ୍ତ ସାହୁ, ଭବାନୀ ଶଙ୍କର ପଣ୍ଡା, ନାରାୟଣ ଚନ୍ଦ୍ର ସାହୁ, ସୌମ୍ୟଶ୍ରୀ ସ୍ଥିତପ୍ରଜ୍ଞ ଦଳେଇ, ଅନିରୁଦ୍ଧ ସା, ମାନସ ବେହେରା, ଭାନୁପ୍ରିୟା ସାହୁ, ଶୀତୋଷ୍ଣା ଦଳେଇ, ଚିଦାନନ୍ଦ ସାହୁ, ଅଜୟ ମଣ୍ଡଳ, କାହ୍ନୁ ଚୌଧୁରୀ ଓ ବିଭୂତି ଭୂଷଣ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

## ବିଜ୍ଞାନ ମାନବୀୟ ଅନୁଭବ, ଅନୁସନ୍ଧାନର ଶ୍ରେଷ୍ଠ ଜ୍ଞାନ

**ଜାତୀୟ ବିଜ୍ଞାନ ଦିବସ**

**ବାଲେଶ୍ୱର ଅଫିସ, ୨୮।୨**

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ରାମଚନ୍ଦ୍ର ମହାନ୍ତି, କୋଲକାତାର ବିଶିଷ୍ଟ ବୈଜ୍ଞାନିକ ଯଯାତି କେଶରୀ ନାୟକ ଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ସମୟରେ ବିଜ୍ଞାନର ଉପଯୋଗିତା ବହୁଜନ ହିତ ସାଧନକୁ ପ୍ରାଥମିକତା ଦେଇ ବିକଶିତ ହେବା ଉଚିତ୍ ବୋଲି ପ୍ରକାଶ କରିଥିଲେ।

ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାରେ ପାରଦର୍ଶିତା ଲାଭ କରି ଏକ ହିତକର ପରିବେଶରେ ବଞ୍ଚିବା ବର୍ତ୍ତମାନ ସମୟରେ ସବୁଠାରୁ ବଡ଼ ଆହ୍ୱାନ ବୋଲି ପ୍ରକାଶ କରିଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର୍ ମୁନେଶ୍ ଚନ୍ଦ୍ର ଅଧିକାରୀ ବିଜ୍ଞାନ ମାନବୀୟ ଅନୁଭବ ଏବଂ ଅନୁସନ୍ଧାନର ଶ୍ରେଷ୍ଠ ଜ୍ଞାନ ବୋଲି ମତ ଦେଇଥିଲେ। ସେହିପରି ଡ. ସନ୍ତୋଷ ଅଗ୍ରୱାଲା ଗୋଟିଏ ପ୍ରଗତିଶୀଳ ଜାତୀୟ ଜୀବନରେ ବଞ୍ଚିବା ନିମିତ୍ତ ବିଜ୍ଞାନର ଭୂମିକାକୁ ଅସ୍ୱୀକାର କରାଯାଇପାରିବ ନାହିଁ ବୋଲି ପ୍ରକାଶ କରିଥିଲେ। ବିଶ୍ୱବିଦ୍ୟାଳୟ ବିଜ୍ଞାନ ବିଭାଗ ଗୁଡ଼ିକ ତରଫରୁ ପ୍ରାଣୀବିଜ୍ଞାନ ବିଭାଗ ଆନୁକୂଲ୍ୟରେ ସ୍ଥଳଚର ଏବଂ ଜଳଚର ଜୀବମାନଙ୍କୁ ନେଇ ଅନୁଷ୍ଠିତ ହୋଇଥିବା ବିଜ୍ଞାନ ମେଳା ପ୍ରଦର୍ଶନୀ ଅତ୍ୟନ୍ତ ରୋଚକ ଓ କୌତୁହଳପ୍ରଦ ଥିଲା। ଏଥିରେ ଡଗୁଆ, ଚମ୍ପା, ଗାଙ୍ଗୀତୁଡ଼ି, ପାତିଆ, ସାର୍କ, କୁକୁରଜିଭା, ପୁଫର୍, ସାଙ୍କୁଚ ଆଦି ମାଛ, ନାଳି କଙ୍କଡ଼ା, ନୀଳ କଙ୍କଡ଼ା, ବିଲ କଙ୍କଡ଼ା, ଧଳା ଚିଙ୍ଗୁଡ଼ି କଳା ଚିଙ୍ଗୁଡ଼ି, କଙ୍କ, ବିଛା, ବଡ଼ ତେଲୁଣୀପୋକ, ଅକ୍ଟୋପସ ଆଦି ସହିତ ନାଗ, ରଣା, ଚନ୍ଦନବୋଡ଼ା, ଚିତିସାପ, ଡାଳୁଆ, ଲାଉଡ଼ଙ୍କ, କାଣ୍ଡନାଳ, ଚିକ୍କଣି ଆଦି ସାପଗୁଡ଼ିକ ଏଥିରେ ସ୍ଥାନିତ ହୋଇଥିଲା। ବିଦ୍ୟାର୍ଥୀମାନେ ଏହି ଜୀବବିଜ୍ଞାନ ପ୍ରଦର୍ଶନୀରେ ଅଂଶଗ୍ରହଣ କରି ନିଜର ଗବେଷଣାତ୍ମକ ଅନୁଭୂତି ବିତରଣ କରିଥିଲେ।



ବିଜ୍ଞାନ ମେଳାରେ ଛାତ୍ରୀଛାତ୍ରଙ୍କ ଗହଣରେ କୁଳପତି।

## ଜିଲାପାଳ, ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବିରରେ ୧୪୪ ଅଭିଯୋଗ

**ବାହାନଗା, ୨୮।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ପରିସରରେ ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ୨୨୮ ଅଭିଯୋଗ ପଞ୍ଜିକୃତ ହୋଇଥିବା ବେଳେ ୧୪୪ ଅଭିଯୋଗର ଶୁଣାଣି ହୋଇଛି । ତେବେ ରେଡକ୍ରସ ତରଫରୁ ଜିଲାପାଳ ୪ଜଣଙ୍କୁ ନଗଦ ରାଶି ପ୍ରଦାନ କରିଛନ୍ତି। ଶିବିରରେ ସାଧାରଣତଃ ଆବାସ ଯୋଜନା, ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରିବା, ପଞ୍ଚାୟତଗୁଡିକରେ ବିଦ୍ୟୁତ ଶୁଳ୍କ ଛାଡ ନିମନ୍ତେ ସରପଞ୍ଚମାନେ ଦାବି କରିଥିଲେ। ସେହିପରି ଭତ୍ତା, ପାନୀୟଜଳ, ମିଶନ ଶକ୍ତି ବାବଦରେ ଅଭିଯୋଗ ହୋଇଥିବା ବେଳେ ଉଦ୍ୟାନ ବିଭାଗର ଅତିରିକ୍ତ ଉଦ୍ୟାନ ଅଧିକାରୀ ବାହାନଗାରେ ଥିବା ଅଫିସ୍‌କୁ ଆସୁ ନ ଥିବା ବେଳେ କୌଣସି ସରକାରୀ ଯୋଜନାକୁ କାର୍ଯ୍ୟକାରୀ କରାଯାଉ ନ ଥିବା ଲୋକେ ଜିଲାପାଳଙ୍କଠାରେ ଅଭିଯୋଗ କରିଥିଲେ। ସେହିପରି ବାହାନଗା ପଞ୍ଚାୟତବାସୀ ବ୍ଲକର ମୁଖ୍ୟ ଦପ୍ତରରେ ସବରେଜିଷ୍ଟ୍ରର ଅଫିସ୍ ଖୋଲିବା ପାଇଁ ଏକ ଦାବିପତ୍ର ଅଭିଯୋଗ ପ୍ରକୋଷ୍ଠରେ ଜିଲାପାଳଙ୍କୁ ପ୍ରଦାନ କରିଥିଲେ। ଏଥିରେ କୃଷି ବିଭାଗ, ଶିକ୍ଷା ବିଭାଗ, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଭାବେ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଯୋଗଦେଇ ଲୋକଙ୍କ ଅଭିଯୋଗ ଗ୍ରହଣ କରିବା ସହିତ ତୁରନ୍ତ ସେଗୁଡିକ ଉପରିସ୍ଥ ଅଧିକାରୀମାନଙ୍କୁ ତୁରନ୍ତ ସମାଧାନ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ଏଥିରେ ବାଲେଶ୍ୱର ଜିଲା ଏସ୍‌ପି ସାଗରିକା ନାଥ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଡିଏମ୍‌ଓ ଦୁଲାଲ୍ ସେନ୍ ଜଗଦେବ, ପିଡି. ରବୀନ୍ଦ୍ର କୁମାର ସାହୁ, ଉପଜିଲାପାଳ ଜବନ କୁନାଲ ମୋତିରାମ, ଏଡିଏମ୍ ନିଲୁ ମହାପାତ୍ର, ବାହାନଗା ବିଡିଓ ଗୌରାଙ୍ଗ ଘୋଷ, ତହସିଲଦାର ହିମାଂଶୁ ଶେଖର ଗିରିଙ୍କ ସମେତ ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଗ୍ରହଣ କରି କିପରି ତାହା ତୁରନ୍ତ ସମାଧାନ ହୋଇପାରିବ ସେ ବାବଦରେ ଉପରିସ୍ଥ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

## ବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଅଧ୍ୟକ୍ଷ ଅଶୋକ କୁମାର ରାଉତଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

**ସୋର, ୨୮।୨(ଡି.ଏନ.ଏ.)**

ସୋର ବ୍ଲକ ଅଧୀନ ତଳନଗର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଆଶୋକ କୁମାର ରାଉତଙ୍କ ଅବସର ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନୂତନ ଅଧ୍ୟକ୍ଷ ଦାୟିତ୍ୱରେ ଥିବା ପ୍ରାଧ୍ୟାପକ ନିରଞ୍ଜନ ପଣ୍ଡା ଏହି ଉତ୍ସବରେ ପୌରୋହିତ୍ୟ କରି ବିଦାୟୀ ରାଉତଙ୍କ କାର୍ଯ୍ୟକାଳରେ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ଓ ଛାତ୍ରବତ୍ସଳତା ସମସ୍ତଙ୍କ ପାଇଁ ଅନୁକରଣୀୟ ବୋଲି କହିଥିଲେ। ଏହି ଅବସରରେ ରାଉତଙ୍କୁ ମାନପତ୍ର ସହ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଅଧ୍ୟାପିକା/ଅଧ୍ୟାପକ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ତାଙ୍କ ଦୀର୍ଘ ନିରାମୟ ଜୀବନ ସହ ତାଙ୍କ କାର୍ଯ୍ୟଦକ୍ଷତା ସେମାନଙ୍କ ପ୍ରେରଣାର ଉତ୍ସ ବୋଲି କହିଥିଲେ।

## ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଏଏପିର ଧାରଣା

**କେନ୍ଦୁଝର,୨୮।୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଏଏପି କର୍ମକର୍ତ୍ତା ବିଭିନ୍ନ ଦାବିରେ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ଏଏପି ଜିଲା ସଂଯୋଜକ ନେତା ମେଘନାଦ ମାଝୀଙ୍କ ନେତୃତ୍ୱରେ ବହୁ ସଂଖ୍ୟକ କର୍ମକର୍ତ୍ତା ମିଶନ ଶକ୍ତି କର୍ମଚାରୀ, ଏମବିକେ, ସିଆରପି, ପ୍ରାଣୀ ମିତ୍ର, କୃଷି ମିତ୍ର, ବ୍ୟାଙ୍କ ମିତ୍ର ଆଦି ସହାୟକ କର୍ମଚାରୀଙ୍କୁ ସ୍ଥାୟୀ କରିବା ଓ ସେମାନଙ୍କ ଦରମା ବୃଦ୍ଧି ଦାବି କରି ଝାଡୁ ଧରି ଧାରଣା ପ୍ରଦର୍ଶନ କରିବା ସହ ପ୍ରତିବାଦ ସଭା କରିଛନ୍ତି। ଏଥିସହ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ଓ ଓଡ଼ିଶା ସରକାରଙ୍କ ବିଫଳତାକୁ ସମାଲୋଚନା କରିଥିଲେ। ଦିଲ୍ଲୀର ଉପ ମୁଖ୍ୟମନ୍ତ୍ରୀ ସିସୋଦିୟାଙ୍କ ମିଥ୍ୟା କାରଣରେ ଗିରଫଦାରୀକୁ ନିନ୍ଦା କରିଥିଲେ। କାର୍ଯ୍ୟକ୍ରମରେ ଏଏପିର କାର୍ଯ୍ୟକର୍ତ୍ତା ଓ କର୍ମୀମାନେ ସାମିଲ ହୋଇଥିଲେ।




## ପୂର୍ବତନ ସମିତିସଭ୍ୟ ଗିରଫ

**ବ୍ଲକ କାର୍ଯ୍ୟାଳୟରେ ବିଡିଓଙ୍କୁ ଧମକ ଦେବା ଘଟଣା**

**ବାହାନଗା, ୨୮।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ କାର୍ଯ୍ୟାଳୟରେ ପଶି କାର୍ଯ୍ୟରତ ବିଡିଓଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେବା ଘଟଣା ଜଣେ ପୂର୍ବତନ ସମିତିସଭ୍ୟଙ୍କୁ ମହଙ୍ଗା ପଡିଛି। ଶେଷରେ ସେ ପୋଲିସ ଦ୍ୱାରା ଗିରଫ ହୋଇଛନ୍ତି। ଏହି ଘଟଣା ବାହାନଗା ବ୍ଲକ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଗତ ୨୩ ତାରିଖ ସନ୍ଧ୍ୟାରେ ଗୋପାଳପୁର ଥାନା ଅଧୀନ ସାହାସପୁରା ଗ୍ରାମର ପୂର୍ବତନ ସମିତିସଭ୍ୟ ସୁଶାନ୍ତ କୁମାର ପଣ୍ଡା ବ୍ଲକ କାର୍ଯ୍ୟାଳୟରେ ପଶି ବିଡିଓ ଗୌରାଙ୍ଗ ଚରଣ ଘୋଷଙ୍କୁ ଗାଳିଗୁଲଜ କରିବା ସହିତ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ସୋର ଥାନାରେ ଅଭିଯୋଗ ହୋଇଥିଲା। ଥାନାରେ ମାମଲା(ନଂ.୧୧୯/୨୩) ରୁଜୁ କରାଯାଇଥିଲା। ମଙ୍ଗଳବାର ରାତିରେ ସୋର ଓ ଗୋପାଳପୁର ଥାନା ପୋଲିସ୍ ସାହାସପୁରା ଗ୍ରାମରେ ଚଢାଉ କରି ପୂର୍ବତନ ସମିତିସଭ୍ୟ ପଣ୍ଡାଙ୍କୁ ଗିରଫ କରିବାରେ ସଫଳ ହୋଇଥିଲେ।

## ମିଶନ ଶକ୍ତି କର୍ମଚାରୀଙ୍କୁ ସ୍ଥାୟୀ ଦାବିରେ ଧାରଣା



ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ଧାରଣା ଦିଆଯାଇଛି।

**ଭଦ୍ରକ ଅଫିସ,୨୮।୨:** ମିଶନ ଶକ୍ତିର କର୍ମଚାରୀ ଏମ୍‌ବିକେ, ସିଆର୍‌ପି, ପ୍ରାଣୀମିତ୍ର, କୃଷିମିତ୍ର, ବ୍ୟାଙ୍କମିତ୍ର ସମେତ ସମସ୍ତ ସହାୟକ କର୍ମଚାରୀଙ୍କୁ ସ୍ଥାୟୀ କରିବା ଦାବିରେ ଆମ୍ ଆଦ୍‌ମୀ ପାର୍ଟିର ଭଦ୍ରକ ଜିଲା ଶାଖା ପକ୍ଷରୁ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଥିଲା। ଜିଲା ସଭାପତି ଦେବାଶିଷ ପାଣିଗ୍ରାହୀ, ଶେଖ୍ ଆଜମ, ଦିବ୍ୟରଞ୍ଜନ ସାହୁ, ଇମ୍ରାନ ଖାଁ ପ୍ରମୁଖ ମିଶନ ଶକ୍ତି କର୍ମଚାରୀଙ୍କ ଚାକିରି ସ୍ଥାୟୀ ସହ ଦରମା ବୃଦ୍ଧି ପାଇଁ ଦାବି କରିଥିଲେ। ଏନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଜିଲାପାଳଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ବସନ୍ତ କୁମାର ଲେଙ୍କା ଦାବିପତ୍ର ଗ୍ରହଣ କରିଛନ୍ତି।

## ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ: ମଠଡିହ ବିଜୟୀ




ଟ୍ରଫି ଗ୍ରହଣ କରୁଛି ବିଜୟୀ ଟିମ୍।

**ଆରଡ଼ି, ୨୮।୨ (ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ସୁନ୍ଦରପୁର ପଞ୍ଚାୟତ ଦୋହରାପାଟଣା ବାସନ୍ତୀ ପଡ଼ିଆରେ ସନ୍ତୋଷ ନୀଳମାଧବ ଏକଦିବସୀୟ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ୧୬ ଦଳ ଏଥିରେ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ୍‌ରେ ଅନ୍ନପାଳକୁ ହରାଇ ମଠଡିହ ଟିମ୍ ବିଜୟୀ ଟ୍ରଫି ହାସଲ କରିଛି। ଅନ୍ନପାଳ ନିର୍ଦ୍ଧାରିତ ଓଭରରେ ୧୪୫ ରନ୍ କରିଥିଲା। ମଠଡିହ ଆବଶ୍ୟକ ରନ୍ କରି ବିଜୟୀ ହୋଇଥିଲା। ସୁନ୍ଦରପୁର ସରପଞ୍ଚ ଅଭିମନ୍ୟୁ ଯୋଗଦେଇ ଜେତା ବିଜୟୀ ଓ ରନର୍ସଅପ୍ ଟିମ୍‌କୁ ପୁରସ୍କୃତ କରିଥିଲେ। ସମ୍ବିତ ନାୟକ, ମାନସ ମଲିକ, ଜ୍ଞାନେନ୍ଦ୍ର ମହାପାତ୍ର, ପୀତବାସ ପରିଡ଼ା, ମାନସ ବେହେରା, ଶଶିକାନ୍ତ ପରିଡ଼ା ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ।

## ସତ୍ୟ ସନାତନ ଧର୍ମ ସମ୍ମିଳନୀ

**କେନ୍ଦୁଝର,୨୮।୨(ସ୍ୱ.ପ୍ର./ଡି.ଏନ୍.ଏ)**

କେନ୍ଦୁଝରଠାରେ ସତ୍ୟ ସନାତନ ପ୍ରଜା ସମିତି ଆନୁକୂଲ୍ୟରେ ୨୬ତମ ସତ୍ୟ ସନାତନ ଧର୍ମ ସମ୍ମିଳନୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ କେନ୍ଦୁଝର ଜିଲାର ବିଭିନ୍ନ ପ୍ରାନ୍ତରୁ ୫ ଶହରୁ ଊର୍ଦ୍ଧ୍ୱ ଶିକ୍ଷାବିତ୍ ଯୋଗଦେଇ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟାସ୍ଥଳରୁ ଆସିଥିବା ଅଖଣ୍ଡ ଜ୍ୟୋତିକୁ ସ୍ୱାଗତ କରିଥିଲେ। ସମିତିର ରାଜ୍ୟ ସଭାପତି ଇଂ ଦେବାଶିଷ ହୋତା ଉପସ୍ଥିତ ହୋଇ ୨୩ ଜାନୁୟାରୀ ୧୯୯୯ ମସିହାରେ ଖ୍ରୀଷ୍ଟିୟାନ ପାଦ୍ରୀ ଗ୍ରାହମଷ୍ଟେନଙ୍କୁ ହତ୍ୟା କରାଯାଇଥିଲା। ସେହିଦିନଠାରୁ ଷଡ଼ଯନ୍ତ୍ରକାରୀ ହିସାବରେ ଦାରା ସିଂ ୨୪ ବର୍ଷ ହେବ ଜେଲରେ ଅଛନ୍ତି। ୨୩ ଅଗଷ୍ଟ ୨୦୦୮ ଜନ୍ମାଷ୍ଟମୀ ଦିନ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କୁ ବିଭତ୍ସ ଭାବରେ ହତ୍ୟା କରାଯାଇଥିଲା। ସତ୍ୟାସତ୍ୟ ଉନ୍ମୋଚନ ପାଇଁ ସ୍ୱାମୀଜୀଙ୍କ ହତ୍ୟା ଘଟଣାର ସିବିଆଇ ତଦନ୍ତ କରାଯିବା ନିମନ୍ତେ ନିବେଦନ କରିଥିଲେ। ପରେ କେନ୍ଦୁଝର ଜେଲରେ ଦାରାସିଂଙ୍କୁ ଦେଖା କରିଥିଲେ। ଏହି ସମୟରେ କାଳନ୍ଦୀ ଚରଣ ବେହେରା, ବିଏମଏସର ରାଜ୍ୟ ସମ୍ପାଦକ ଡାକ୍ତର ମହାନ୍ତ, ବିଶ୍ୱହିନ୍ଦୁ ପରିଷଦର କେଦାରନାଥ ଦାସ, ରକ୍ଷାକର ପତି ଉପସ୍ଥିତ ଥିଲେ।

## ଶିକ୍ଷା, ସୁରକ୍ଷା ଓ ରୋଜଗାର ଦାବିରେ ବିକ୍ଷୋଭ

**ବାରିପଦା ଅଫିସ,୨୮।୨**

ମୟୂରଭଞ୍ଜ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଖିଳ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ପକ୍ଷରୁ ୧୧ଦଫା ଦାବିକୁ ନେଇ ମଙ୍ଗଳବାର ବିକ୍ଷୋଭ ଓ ଧାରଣା ପ୍ରଦର୍ଶନ କରାଯାଇଥିଲା। ରାଜ୍ୟ ସଭାପତି କ୍ଷୀରୋଦ ପଣ୍ଡାଙ୍କ ନେତୃତ୍ୱରେ ଜିଲାର ବିଭିନ୍ନ କଲେଜର ଶତାଧିକ ଛାତ୍ରୀଛାତ୍ର ଏକ ରାଲିରେ ବଜାର ପରିକ୍ରମା କରିଥିଲେ। ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଶିକ୍ଷା, ସୁରକ୍ଷା ଓ ରୋଜଗାର ଯୋଗାଇ ଦେବାକୁ ଦାବି ଉପସ୍ଥାପନ କରିଥିଲେ। ଏ ସଂକ୍ରାନ୍ତରେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ପ୍ରଦାନ କରିଥିଲେ। ସମସ୍ତ ମହାବିଦ୍ୟାଳୟରେ ଖାଲି ପଡ଼ିଥିବା ଅଧ୍ୟାପକ, ଅଣ-ଅଧ୍ୟାପକ ପଦବୀ ପୂରଣ କରିବା, ସେମିଷ୍ଟାର ପରୀକ୍ଷା ଫଳକୁ ୪୫ଦିନ ମଧ୍ୟରେ ପ୍ରକାଶ କରିବା, ଜିଲାରେ ଥିବା ସମସ୍ତ ମହାବିଦ୍ୟାଳୟର ଜମିକୁ ନିଜ ନାମରେ ପଞ୍ଜିକୃତ କରିବା, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଓ ବେସରକାରୀ ଶିକ୍ଷାନୁଷ୍ଠାନରେ ବୃଦ୍ଧି ପାଉଥିବା ଫିଂକୁ ନିୟନ୍ତ୍ରଣ କରିବା, ଜିଲାରେ ଏକ କ୍ରୀଡ଼ା ବିଶ୍ୱବିଦ୍ୟାଳୟ, ଜନଜାତି ବିଶ୍ୱ ବିଦ୍ୟାଳୟ, ସଂସ୍କୃତ ବିଶ୍ୱବିଦ୍ୟାଳୟ ଏବଂ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ କରିବା, ମହିଳା ହିଂସାକୁ ରୋକିବା ପାଇଁ ଆଇନ ବ୍ୟବସ୍ଥା କଡ଼ାକଡ଼ି କରିବା, ଜିଲାରେ ଥିବା ପ୍ରତିଟି କଲେଜ କ୍ୟାମ୍ପସର ବିକାଶ କରିବା, କଲେଜ କ୍ୟାମ୍ପସରେ ଅଣଛାତ୍ର ପ୍ରବେଶକୁ ବନ୍ଦ କରିବା ଆଦି ଦାବି ଉଲ୍ଲେଖ କରାଯାଇଛି।




ବିକ୍ଷୋଭରେ ସାମିଲ ଏବିଭିପିର ସଦସ୍ୟମାନେ।

## ଗୁହାଳ ଘରେ ଅଗ୍ନିକାଣ୍ଡ ୧ ଗୋରୁ ଜୀବନ୍ତ ଦଗ୍ଧ, ୩ ଗୋରୁ ଆହତ

**ରୂପସା, ୨୮।୨(ଡି.ଏନ.ଏ.)**

ମଶା ଧୂଆଁରୁ ନିଆଁ ଲାଗି ଜଳିଗଲା ଗୁହାଳ। ଗୋଟିଏ ଗୋରୁ ଜୀବନ୍ତ ଦଗ୍ଧ ହୋଇଥିବା ବେଳେ ୩ଟି ଗୋରୁ ଗୁରୁତର ଆହତ ହୋଇଛନ୍ତି। ଏମିତି ଏକ ଅଭାବନୀୟ ଘଟଣା ଘଟିଛି ବାଲେଶ୍ୱର ଜିଲା ବସ୍ତା ବ୍ଲକ ବରୁଣଗଡ଼ିଆ ପଞ୍ଚାୟତ ଗୁଣ୍ଡରିମରା ଗ୍ରାମରେ। ଏହି ଗ୍ରାମର ହରିପଦ ହାତୀଙ୍କ ଗୁହାଳରେ ଗୋରୁମାନଙ୍କୁ ମଶା ଦାଉରୁ ରକ୍ଷା ଦେବା ପାଇଁ ମଶାରି ଟଙ୍ଗାଇବା ସହିତ ଧୂଆଁ ଦେଇଥିଲେ। ବିଳମ୍ବିତ ରାତିରେ ସେହି ଧୂଆଁରୁ ମଶାରିରେ ନିଆଁ ଲାଗି ଗୁହାଳ ଆଜବେଷ୍ଟସ ଜଳି ଯାଇଥିଲା। ନିଆଁ ଜଳୁଥିବା ଦେଖି ପରିବାର ଲୋକେ ନିଆଁ ଦାଉରୁ ଗୋରୁମାନଙ୍କୁ ଉଦ୍ଧାର କରିବା ପାଇଁ ଚେଷ୍ଟା କରିବା ସହିତ ଗାଁ ଲୋକଙ୍କୁ ଡାକି ନିଆଁ ଲିଭାଇଥିଲେ। ଅଗ୍ନିକାଣ୍ଡରେ ଗୋଟିଏ ଗୋରୁର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୩ଟି ଗୋରୁ ଗୁରୁତର ଆହତ ହୋଇଛନ୍ତି। ଅଗ୍ନିବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ବଜାରରେ ବୁଲିଲା ଗୋଠଛଡ଼ା ଦନ୍ତା

**ତେଲକୋଇ,୨୮।୨(ଡି.ଏନ.ଏ):** କେନ୍ଦୁଝର ଜିଲା ତେଲକୋଇ ବଜାର ଅଞ୍ଚଳରେ ମଙ୍ଗଳବାର ଏକ ଗୋଠଛଡ଼ା ଦନ୍ତା ବୁଲୁଥିବା ଦେଖିବାକୁ ମିଳିଥିଲା। ବଜାର ପାର୍ଶ୍ୱରେ ଥିବା କ୍ଷେତରେ ପଶି ଫସଲ ନଷ୍ଟ କରିବା ସହ ଘର ଭାଙ୍ଗିଛି। ଫଳରେ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। ଗୋଠଛଡ଼ା ଦନ୍ତା ସକାଳେ ତଳସାହିରେ ପଶି ୨୦ ଏକର ଜମିରେ ହୋଇଥିବା ତରଭୁଜ ଖାଇବା ସହ ନଷ୍ଟ କରିଦେଇଥିଲା। ଗ୍ରାମର ଜଣଙ୍କ ଘର କାନ୍ଥ ଭାଙ୍ଗିବା ସହ ଆମ୍ବ ଗଛ ଉପାଡ଼ି ଦେଇଥିଲା। ହାତୀ ଖୁଣ୍ଟାପଡ଼ା, କନ୍ତଲେଇ, ଦୁଲଭପୁର, କୁଲାଡେରା ଓ ଦୋବଲାପାଳ ଗ୍ରାମରେ ଚାଷୀଙ୍କ ବ୍ୟାପକ ଫସଲ କ୍ଷତି କରିଛି। ଏନେଇ କ୍ଷତିଗ୍ରସ୍ତ ଜିତେନ୍ଦ୍ର ପ୍ରଧାନ, ସତ୍ୟ ନାରାୟଣ ସାହୁ, ବିନୋଦ ପ୍ରଧାନ, ଶିବ ଶଙ୍କର ପ୍ରଧାନ, ଋଷିକେଶ ସାହୁ, କାଳିଆ ସାହୁ ପ୍ରମୁଖ ଚାଷୀମାନେ ବନ ବିଭାଗ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏସଂକ୍ରାନ୍ତରେ ବନାଞ୍ଚଳ ଅଧିକାରୀ ଏସ୍ଏମ ରାଓ କହିଛନ୍ତି, ଖବର ପାଇ ତୁରନ୍ତ ଏକ ସ୍କ୍ୱାଡ୍‌କୁ ନିୟୋଜିତ କରାଯାଇଛି। ହାତୀ ଏବେ ଦୋବଲାପାଳ ଗ୍ରାମରେ ରହିଛି। କ୍ଷୟକ୍ଷତି ଆକଳନ ପରେ ଚାଷୀଙ୍କୁ ସହାୟତା ପ୍ରଦାନ କରାଯିବ ବୋଲି କହିଥିଲେ।


ବଜାରରେ ଉତ୍ପାତ ପରେ ଜଙ୍ଗଲ ମୁହାଁ ହାତୀ।

# ବଢ଼ିଲା ବାଘ-ମଣିଷ ସୁରକ୍ଷା ଚିନ୍ତା


ଘଟଗାଁ ରେଞ୍ଜ ବାଇଗାଣପାଳ ବିଟ୍ ମୁର୍ଗାପାହାଡ଼ି ଗ୍ରାମ ରାସ୍ତାରେ ହୋଇଥିବା ବ୍ୟାରିକେଡ୍।

**ଅଟେଇ ଜଙ୍ଗଲରେ ମହାବଳ ପ୍ରସଙ୍ଗ**

- ଏସିଏଫ୍‌ଙ୍କ ନେତୃତ୍ୱରେ ୫ ଜଣିଆ ଟିମ୍ ଗଠନ
- ଜଙ୍ଗଲ ରାସ୍ତାରେ ଯାତାୟାତ ନେଇ କଟକଣା

**କେନ୍ଦୁଝର,୨୮।୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଘଟଗାଁ ରେଞ୍ଜ ଅଟେଇ ସଂରକ୍ଷିତ ଜଙ୍ଗଲରେ ବାଘ ବୁଲୁଛି। ୩/୪ ବର୍ଷ ବୟସର ଏହା ଏକ ଅଣ୍ଡିରା ମହାବଳ ବୋଲି ବନ ବିଭାଗ ସୂଚନା ଦେଇଛି। ଏନେଇ ଅଞ୍ଚଳରେ ଭୟର ବାତାବରଣ ଦେଖାଯାଇଛି। ଲୋକଙ୍କ ସୁରକ୍ଷା ସହ ବାଘର ସୁରକ୍ଷାକୁ ନଜରରେ ରଖି ବନ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଜଙ୍ଗଲ ନିକଟ ଗ୍ରାମବାସୀଙ୍କୁ ସଚେତନ କରାଯିବା ସହ ରାସ୍ତାରେ ବ୍ୟାରିକେଡ୍ ଲଗାଯାଇଥିବା ଡିଏଫ୍‌ଓ ଧନରାଜ ଏଚ୍‌ଡି ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ବାଘ ମନିଟରିଂ ପାଇଁ ଜଣେ ଆସିଷ୍ଟାଣ୍ଟ କଞ୍ଜରଭେଟର ଅଫ୍ ଫରେଷ୍ଟ(ଏସିଏଫ୍)ଙ୍କ ନେତୃତ୍ୱରେ ୫ ଜଣିଆ ଟିମ୍ ଗଠନ କରାଯାଇଛି। ବାଘର ଗତିବିଧି ଉପରେ ୨୪ ଘଣ୍ଟିଆ ନଜର ରଖାଯାଉଛି। ପୂର୍ବରୁ ବନ୍ୟପ୍ରାଣୀ ଶିକାର ଅଭିଯୋଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଅପରାଧୀମାନଙ୍କ ଉପରେ ନଜର ରଖାଯାଇଛି। ବନ ବିଭାଗ ପକ୍ଷରୁ ବାଘ ଚଳପ୍ରଚଳ କରୁଥିବା ଶିମିଳିପାଳ, ସାତକୋଶିଆ, ଆନନ୍ଦପୁର, ଘଟଗାଁ ରେଞ୍ଜର ଅଟେଇ ଏବଂ ରେବଣା ଜଙ୍ଗଲରେ ସ୍ୱତନ୍ତ୍ର ଦୃଷ୍ଟି ରଖାଯାଇଥିବା ଡିଏଫ୍‌ଓ କହିଛନ୍ତି। ବିଶେଷକରି ଘଟଗାଁ ରେଞ୍ଜ ଅଟେଇ ସଂରକ୍ଷିତ ଜଙ୍ଗଲରେ ବାଘ ପାଇଁ ପର୍ଯ୍ୟାପ୍ତ ଖାଦ୍ୟ ଓ ପାଣି ରହିଥିବାରୁ ସେ ଏଠାରେ ବିଚରଣ କରୁଛି। ଏଥିପାଇଁ ବନ ବିଭାଗ ପକ୍ଷରୁ ପୋଲିସର ସହଯୋଗ ମଧ୍ୟ ନିଆଯାଉଛି। ସେହିପରି କେନ୍ଦୁଝର ବନଖଣ୍ଡ ପକ୍ଷରୁ ଶିମିଳିପାଳ ବାଘ ସଂରକ୍ଷଣ ପ୍ରକଳ୍ପ କ୍ଷେତ୍ର ନିର୍ଦ୍ଦେଶକ, କରଞ୍ଜିଆ ଡିଏଫ୍‌ଓ, ଆନନ୍ଦପୁର ବନ୍ୟପ୍ରାଣୀ ଡିଏଫ୍‌ଓଙ୍କ ସହିତ ସମନ୍ୱୟ ରକ୍ଷା କରି କାର୍ଯ୍ୟ ସମ୍ପାଦିତ କରାଯାଉଛି। ଏତଦ୍ ବ୍ୟତୀତ ଜିଲାସ୍ତରରେ ଟାସ୍କ ଫୋର୍ସ ତଥା ରାଜ୍ୟ ଟାସ୍କ ଫୋର୍ସଙ୍କ ସହାୟତା ନିଆଯାଉଛି। ବାଘର ଗତିବିଧି ଉପରେ ନଜର ରଖିବା ପାଇଁ ଅଟେଇ ସଂରକ୍ଷିତ ଜଙ୍ଗଲରେ ୧.୪ କି.ମି ପରିଧିରେ ଗୋଟିଏ ଲେଖାଏ ତଥା ୪୫ ଟି ଟ୍ରାପ୍ କ୍ୟାମେରା ଲଗାଯାଇଛି। ଜଙ୍ଗଲ ମଧ୍ୟ ଦେଇ ୪ଟି ରାସ୍ତାରେ ବ୍ୟାରିକେଡ୍ କରି ଲୋକଙ୍କ ଯାତାୟାତ ଉପରେ କଟକଣା କରାଯାଇଛି। ଜଙ୍ଗଲରେ ରହୁଥିବା ୧ ହଜାର ଲୋକଙ୍କୁ ଜଙ୍ଗଲ ଭିତରକୁ ନ ଯିବା ପାଇଁ ସଚେତନ କରାଯାଉଛି। ବିଶେଷକରି ରାତି ସମୟରେ ଉକ୍ତ ଅଞ୍ଚଳରେ ଚଳପ୍ରଚଳ ନ କରିବା, ଜଙ୍ଗଲ ଭିତରକୁ ନ ଯିବାକୁ କୁହାଯାଉଛି। ଲୋକଙ୍କ ଜୀବନଜୀବିକା ଯେପରି ପ୍ରଭାବିତ ନ ହୁଏ ସେଥିପାଇଁ ଦୃଷ୍ଟି ଦିଆଯାଇ ଆମ ଜଙ୍ଗଲ ଯୋଜନାରେ ବିଭିନ୍ନ ପଦକ୍ଷେପ ନିଆଯିବ। ଜଙ୍ଗଲ ଉପରେ ନିର୍ଭରଶୀଳ ଲୋକମାନଙ୍କୁ ଜିଆଖତ ଦିଆଯିବା ସହିତ ପଥରବନ୍ଧ, ଚେକ୍‌ଡ୍ୟାମ ଏବଂ ଅନ୍ୟ ଜଙ୍ଗଲ କାମରେ ନିୟୋଜିତ କରାଯିବ। ଉକ୍ତ ଅଞ୍ଚଳରେ ଥିବା ୪ ବନ ସୁରକ୍ଷା ସମିତି ଜରିଆରେ ଏହି ସବୁ କାମ ଯୋଗାଇ ଦିଆଯିବ।

ପ୍ରକାଶ ଯେ, ବାଘର ଉପସ୍ଥିତିକୁ ନେଇ କେହି ଦେଖି ନ ଥିବା ବେଳେ ଟ୍ରାପ୍ କ୍ୟାମେରାରେ ଫଟୋ ଉତ୍ତୋଳନ ହୋଇଛି। ଏହାକୁ ନେଇ ଉକ୍ତ ଅଞ୍ଚଳରେ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ହାତୀ ପରେ ବାଘର ଭୟ ସମସ୍ତଙ୍କୁ ଘାରିଛି।




ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

balasoreselfie@gmail.com


@ ପ୍ରଭାତ


@ ଚିନ୍ମୟ

ସେଲ୍‌ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# ଶିମିଳିପାଳକୁ ଫେରୁନାହାନ୍ତି ବନ୍ୟପ୍ରାଣୀ

- ସୁରକ୍ଷିତ ବାସସ୍ଥାନ ଛାଡ଼ି ଜନବସତି ମୁହାଁ ହେଉଛନ୍ତି
- ଶତ୍ରୁ ସାଜିଛନ୍ତି ଶିକାରୀ, ବନ କର୍ମଚାରୀ

**ବାରିପଦା ଅଫିସ,୨୮।୨:** ଅଧିକାରୀଙ୍କ ଅପାରଗତାରୁ ଅସୁରକ୍ଷିତ ହୋଇ ପଡ଼ିଛି ଶିମିଳିପାଳ ଅଭୟାରଣ୍ୟ। ଶତ୍ରୁ ସାଜିଛନ୍ତି ଶିକାରୀ ଓ ବନ କର୍ମଚାରୀ। ଜୀବନ ବଞ୍ଚାଇବାକୁ ଦିଗହରା ହୋଇ ପଡୁଛନ୍ତି ବନ୍ୟପ୍ରାଣୀ। କୋର୍ ଏରିଆ ଭଳି ସୁରକ୍ଷିତ ସ୍ଥାନରେ ବସବାସ କରୁଥିବା ମହାବଳ ବାଘ ଜନବସତି ମୁହାଁ ହେବା ସହ ପଡ଼ୋଶୀ କେନ୍ଦୁଝର ଜିଲାରେ ଆତଙ୍କ ସୃଷ୍ଟି କରିବା ଚିନ୍ତାର କାରଣ ପାଲଟିଛି। ହାତୀ ଓ ଅନ୍ୟାନ୍ୟ ବନ୍ୟପ୍ରାଣୀ ଅଭୟାରଣ୍ୟ ଛାଡ଼ି ସଂରକ୍ଷିତ ଜଙ୍ଗଲରେ ରହିବାକୁ ପସନ୍ଦ କରୁଛନ୍ତି। ଶିକାରୀଙ୍କ ଗୁଳି ଶବ୍ଦରେ ଭୟଭୀତ ଅନେକ ବନ୍ୟପ୍ରାଣୀ ଶିମିଳିପାଳ ଫେରୁ ନାହାନ୍ତି। ଏଭଳି ସମସ୍ୟା ଲାଗି ରହିଲେ ଶିମିଳିପାଳ ପ୍ରାଣୀ ଶୂନ୍ୟ ହେବା ଆଶଙ୍କାକୁ ଏଡ଼ାଇ ଦେଇ ହେବ ନାହିଁ ବୋଲି ପ୍ରାଣୀ ପ୍ରେମୀମାନେ ମତ ଦେଇଛନ୍ତି।

ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନ ଜେନାବିଲ ରେଞ୍ଜ ଗୁରୁଣ୍ଡିଆ ସେକ୍ସନ ଅଞ୍ଚଳରେ ଦନ୍ତାହାତୀ ଶିକାର ଓ ପୋଡ଼ି ଘଟଣାରେ ୩ ବନକର୍ମଚାରୀଙ୍କ ବିରୋଧରେ ମାମଲା ରୁଜୁ କରି ବନବିଭାଗ ଚୁପ୍ ରହିଛି। ହାତୀ ପୋଡ଼ିରେ ୧୫ରୁ ଊର୍ଦ୍ଧ୍ୱ କର୍ମଚାରୀ ସାମିଲ ଥିବା ବେଳେ ମାତ୍ର ୩ଜଣ କର୍ମଚାରୀଙ୍କୁ ଗିରଫ କରାଯାଇଛି। ଅନ୍ୟ କର୍ମଚାରୀମାନଙ୍କୁ ବନବିଭାଗ ଘଣ୍ଟ ଘୋଡ଼ାଇ ଦୋଷମୁକ୍ତ କରିବାକୁ ପ୍ରୟାସ କରୁଥିବା ପ୍ରାକ୍ତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ ପ୍ରକାଶ କରିଛନ୍ତି। ସେହିପରି ଉକ୍ତ ଡିଭିଜନର ପିଠାବଟା ରେଞ୍ଜ ବାଲିଖାଇ ସେକ୍ସନ ଗୋପୀନାଥପୁର ବିଟ୍ ଅଞ୍ଚଳରେ ଏକ ଦନ୍ତାହାତୀର ଶୁଣ୍ଢ ଓ ଦାନ୍ତ ଲୁଟ୍ ଘଟଣାରେ ବନବିଭାଗର ନିଷ୍କ୍ରିୟତା ପଦାରେ ପଡ଼ିଛି। ୨୦ଦିନ ବିତିବା ପରେ ମଧ୍ୟ ଶିକାରୀଙ୍କୁ ଧରିବାରେ ବନବିଭାଗ ଫେଲ୍ ମାରିଛି। ବିଭାଗୀୟ ରିପୋର୍ଟ ଅନୁଯାୟୀ




କର୍ମଚାରୀମାନେ ଜଙ୍ଗଲ ମଧ୍ୟରେ ହଜାର ହଜାର କି.ମି ଚାଲି ଚାଲି ଡ୍ୟୁଟି କରୁଥିବା ବେଳେ ଶିକାରୀମାନେ ଅଭୟାରଣ୍ୟରେ ପଶି କିପରି ହରିଣ, ଶମ୍ବର, ବାଘ ଓ ହାତୀ ଶିକାର କରୁଛନ୍ତି ତାହାକୁ ନେଇ ପ୍ରଶ୍ନ ଉଠିଛି।

ସେହିପରି ୨ମାସ ମଧ୍ୟରେ ତିନୋଟି ବାଘ ଛାଲ ଜବତ ଘଟଣା ପରେ ବନ୍ୟପ୍ରାଣୀଙ୍କ ପାଇଁ ଶିମିଳିପାଳ ଅଭୟାରଣ୍ୟ ଅସୁରକ୍ଷିତ ହୋଇ ପଡ଼ିଥିବା ସ୍ପଷ୍ଟ ହୋଇଛି। କୋର ଅଞ୍ଚଳରେ ବସବାସ କରୁଥିବା ମହାବଳ ବାଘ ଗାଁ ମୁହାଁ ହେବା ବନ ବିଭାଗର ଚିନ୍ତା ବଢ଼ାଇଛି। ଶିକାରୀମାନେ ବାଘର ଗତିବିଧିକୁ ନଜର କରି କୋର ଅଞ୍ଚଳରେ ପ୍ରବେଶ କରୁଥିବାରୁ ହିଂସ୍ର ଜନ୍ତୁମାନେ ଜୀବନ ବଞ୍ଚାଇବାକୁ ଆପ୍ରାଣ ଉଦ୍ୟମ କରୁଥିବା ଭଞ୍ଜସେନାର ଜିଲା ସଭାପତି ପିଣ୍ଟୁ ମାଇତି କହିଛନ୍ତି। ଏ ସଂକ୍ରାନ୍ତରେ ବିଭାଗୀୟ ଅଧିକାରୀ ମୁହଁ ଖୋଲୁ ନ ଥିବା ପରିତାପର ବିଷୟ ପାଲଟିଛି।

# ଡିଭାଇଡରରେ ପିଟିହୋଇ ଜଳିଗଲା ବାଇକ୍



**ବୈଶିଙ୍ଗା,୨୮।୨(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ୧୮ନଂ. ଜାତୀୟ ରାଜପଥର ଯୁଗଳ ଛକ ନିକଟରେ ଡିଭାଇଡରରେ ପିଟି ହୋଇ ଏକ ବାଇକ୍ ଜଳି ଯାଇଛି। ମଙ୍ଗଳବାର ସକାଳେ ବିଶୋଇ ଅଞ୍ଚଳର ଯଦୁମଣି ହେମ୍ବ୍ରମ ବାଇକ୍ ଯୋଗେ ବାଲେଶ୍ୱର ଅଭିମୁଖେ ଯାଉଥିବା ସମୟରେ କୌଣସି କାରଣରୁ ନିୟନ୍ତ୍ରଣ ହରାଇ ରାସ୍ତା ପାର୍ଶ୍ୱରେ ଥିବା ଡିଭାଇଡର୍‌ରେ ପିଟି ହୋଇଯାଇଥିଲେ। ତାଙ୍କ ବାଇକ୍‌ରେ ନିଆଁ ଲାଗି ଯାଇଥିଲା ବେଳେ ଯଦୁମଣି ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ବେତନଟୀ ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠାଇଥିବା ସୂଚନା ମିଳିଛି।

# ୨୦ ନଂ. ରାଜପଥ ପାଇଁ ଉଚ୍ଛେଦ

**ଆନନ୍ଦପୁର,୨୮।୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଆନନ୍ଦପୁର ୨୦ ନଂ ଜାତୀୟ ରାଜପଥର ନିମନ୍ତେ ଖପରାଖାଇ ପାର୍ଶ୍ୱରୁ ପ୍ରଶାସନ ପକ୍ଷରୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ଜାତୀୟ ରାଜପଥ ସମ୍ପ୍ରସାରଣ ସମୟରେ ଚିହ୍ନଟ ହୋଇଥିବା ବ୍ୟକ୍ତିଗତ ଜାଗା ଓ ଘର ବାବଦକୁ ଆବଶ୍ୟକ କ୍ଷତିପୂରଣ ପ୍ରଦାନ କରାଯାଇଥିବା ବେଳେ କେତେକ ଅଞ୍ଚଳ ପାଇଁ ବିବାଦୀୟ ପରିସ୍ଥିତି ସୃଷ୍ଟି ହେବାରୁ ଉଚ୍ଛେଦ ପ୍ରକ୍ରିୟାରେ ସାମିଲ କରାଯାଇପାରି ନ ଥିଲା। ତେବେ କ୍ଷତିପୂରଣ ମିଳିବା ପରେ ସମ୍ପୃକ୍ତ ଜାଗାକୁ ଜାତୀୟ ରାଜପଥ ପାଇଁ ଛାଡ଼ିବାକୁ ପ୍ରଶାସନ ପକ୍ଷରୁ ପୂର୍ବରୁ ନୋଟିସ୍ ଜାରି ହୋଇଥିଲା। କୋର୍ଟଙ୍କ ଆଦେଶ ବଳରେ ସୋମବାର ଉଚ୍ଛେଦ କରାଯାଇଥିବା ପୌରଅଧିକାରୀ ଅଶୋକ ରାଉତ ପ୍ରକାଶ କରିଛନ୍ତି। ଉପଜିଲାପାଳ ଅନୀଲ ସେଠୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଉଚ୍ଛେଦ ପ୍ରକ୍ରିୟାରେ ଆନନ୍ଦପୁର ତହସିଲଦାର ମାନସ ତ୍ରିପାଠୀ, ଘସିପୁରା ଭାରପ୍ରାପ୍ତ ତହସିଲଦାର ତଥା ବିଡିଓ ଅସୀତ ମହାନ୍ତି, ପୋଲିସ ଫୋର୍ସଙ୍କ ସହିତ ଏନ୍ଏଚ୍ଆଇ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ଉଚ୍ଛେଦ କରାଯାଇଥିଲା।

# ୨୧ ସୁଦ୍ଧା ସରିବ ୫-ଟି ସ୍କୁଲ କାର୍ଯ୍ୟ

**ପଞ୍ଚାୟତ ସମିତି ସଭାଗୃହ ଉଦ୍‌ଘାଟନ ପରେ ପ୍ରଥମ ସମୀକ୍ଷା ବୈଠକ**

**ଧାମନଗର,୨୮।୨(ସ୍ୱ.ପ୍ର./ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ପଞ୍ଚାୟତ ସମିତିର ନୂତନ ସଭାଗୃହ ମଙ୍ଗଳବାର ଏମ୍‌ପି ମଞ୍ଜୁଲତା ମଣ୍ଡଳଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ବିଡିଓ ବନବିହାରୀ ଦିଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଜିଲା ପରିଷଦ ଉପାଧ୍ୟକ୍ଷା ଚୁନିବାଳା ବିଶ୍ୱାଳ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ, ଜିଲା ପରିଷଦ ସଭ୍ୟ ପ୍ରଦୀପ ମଲିକ, ଉର୍ମିଳା ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ସିଆର୍‌ପି ଉପସ୍ଥିତ ଥିଲେ। ବିପିସି ପ୍ରଶାନ୍ତ ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉକ୍ତ ସଭାଗୃହରେ ପ୍ରଥମ ସମୀକ୍ଷା ବୈଠକ କରାଯାଇଥିଲା। ଶିକ୍ଷା, ସ୍ୱାସ୍ଥ୍ୟ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଏବଂ ମିଶନ ଶକ୍ତି ଉପରେ ଗୁରୁତ୍ୱାରୋପ କରାଯିବା ସହ ୫-ଟି ଅନ୍ତର୍ଭୁକ୍ତ ସମସ୍ତ ବିଦ୍ୟାଳୟରେ ନିର୍ମାଣ କାର୍ଯ୍ୟ ମାର୍ଚ୍ଚ ୨୧ ସୁଦ୍ଧା ସାରିବାକୁ କୁହାଯାଇଛି। ପରେ ଏମ୍‌ପି ଓ ଜିଲାପାଳ ଅସୁରାଳି ବରୁଣେଇ ମନ୍ଦିର, ଷ୍ଟାଡିୟମ, ପ୍ରସ୍ତାବିତ ନସଲାପୁର ବାଇପାସ୍, ଖାନକା ସରିଫଠାରେ ନୂତନ ପାଣି ଟାଙ୍କି ଆଦି କ୍ଷେତ୍ର ପରିଦର୍ଶନ କରିଛନ୍ତି। ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନା, ଉପାଧ୍ୟକ୍ଷ ୱାସିମ ଏଜଦାନି କାଦରୀ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଦେବୀ ପ୍ରସାଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।


ଉଦ୍‌ଘାଟନ ଅବସରରେ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଅନ୍ୟମାନେ।

# ସମାଜରେ ଆଦର୍ଶ ଛାତ୍ରୀଛାତ୍ରଙ୍କ ସ୍ଥାନ ସ୍ୱତନ୍ତ୍ର

**ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବିଂଶତମ ବାର୍ଷିକ ଉତ୍ସବ**

**ସିମୁଳିଆ, ୨୮।୨(ଡି.ଏନ୍.ଏ.)**

ସିମୁଳିଆ ବ୍ଲକ ଅଧୀନ ମାର୍କୋଣା ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବିଂଶତମ ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଗୌରାଙ୍ଗ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ରମେଶଚନ୍ଦ୍ର ସାହୁ ଯୋଗଦେଇ ବିଦ୍ୟାଳୟ ହେଉଛି ମଣିଷ ତିଆରି କାରାଖାନା ବୋଲି କହିଥିଲେ । ମୁଖ୍ୟବକ୍ତା ରୂପେ ଗୋପପ୍ରାଣ ମହାବିଦ୍ୟାଳୟ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ସିଂହ ସମାଜରେ ଆଦର୍ଶ ଛାତ୍ରୀଛାତ୍ରଙ୍କ ସ୍ଥାନ ସ୍ୱତନ୍ତ୍ର ବୋଲି କହିଥିଲେ। ସମ୍ମାନନୀୟ ଅତିଥିରୂପେ ରାଇକୁଳା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ଗୌତମ ବେହେରା ଶିଶୁ ଶିକ୍ଷାରେ ଅଭିଭାବକଙ୍କ ଭୂମିକା, ଉତ୍ତମଚାତ୍ର ଗଠନ, ଆଦର୍ଶ ପରିବାର ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅନ୍ୟତମ ସମ୍ମାନନୀୟ ଅତିଥି ରୂପେ ସ୍ଥାନୀୟ ସରପଞ୍ଚ କମଳାକାନ୍ତ ନାୟକ, ସିମୁଳିଆ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଦାଧର ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ପ୍ରାକ୍ତନ ଛାତ୍ରୀ ତଥା ଡାକ୍ତରୀ ଛାତ୍ରୀ ଦୁର୍ଗେଶ ନନ୍ଦିନୀ ସାହୁଙ୍କ ସମେତ ଶିକ୍ଷା ଓ କ୍ରୀଡା କ୍ଷେତ୍ରରେ କୃତୀ ୫୧ଜଣ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଆଚାର୍ଯ୍ୟ ବସନ୍ତ କୁମାର ମଲିକ ଅତିଥି ପରିଚୟ ପ୍ରଦାନ, ବସନ୍ତ କୁମାର ପଣ୍ଡା ବାର୍ଷିକ ବିବରଣୀ ପାଠ ଓ ଲକ୍ଷ୍ମୀପ୍ରିୟା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

# ଖଇରା ସରସ୍ୱତୀ ଶିଶୁ ମନ୍ଦିରରେ ମେଧାବୃତ୍ତି ପରୀକ୍ଷା

**ଖଇରା, ୨୮।୨(ଡି.ଏନ.ଏ.)**

କେନ୍ଦ୍ରୀୟ ଶିଶୁ ବିକାଶ ଓ ସାମାଜିକ ଉନ୍ନୟନ ସଂସ୍ଥା ତରଫରୁ ଖଇରାସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ମେଧାବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି । ୨ରୁ ୯ମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୦୯ଜଣ ଆବେଦନକାରୀ ପରୀକ୍ଷା ଦେଇଥିଲେ। ଖଇରା ଶିଶୁମନ୍ଦିର ବ୍ୟତୀତ ଅନ୍ୟ ବିଦ୍ୟାଳୟର ପିଲାମାନେ ଭାଗ ନେଇଥିଲେ। ପ୍ରଧାନଚାର୍ଯ୍ୟ ଶଶିକାନ୍ତ ଦାସଙ୍କ ସମେତ ଦେବେନ୍ଦ୍ର ପାଣିଗ୍ରାହୀ, ଅହଲ୍ୟା ପାଣି, ସବିତା ମହାନ୍ତି, ପ୍ରଭାକର ଓଝା, ବଳରାମ ଲେଙ୍କା, ଇତିଶ୍ରୀ ନାୟକ, ଦିପ୍ତୀଶିଖା ପାଣି ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଶାନ୍ତିଶୃଙ୍ଖଳାର ସହ ପରୀକ୍ଷା ସମ୍ପନ୍ନ ହୋଇଥିଲା।

# ତହସିଲ କାର୍ଯ୍ୟାଳୟ ଆଗରେ ଚାଷୀଙ୍କ ବିକ୍ଷୋଭ

**ଭୋଗରାଇ, ୨୮।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ବର୍ଷା ଓ ବନ୍ୟା ପାରି ସ୍ଥାୟୀ ନିଷ୍କାସନ ଦାବିରେ ମଙ୍ଗଳବାର ଭୋଗରାଇ ତହସିଲ ସମ୍ମୁଖରେ ଚାଷୀଙ୍କ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦକ୍ଷିଣଭୋଗରାଇ କୃଷିକ୍ଷେତ୍ର ସୁରକ୍ଷା କୃଷକ ସଂଘ ପକ୍ଷରୁ ୩୨ ପଞ୍ଚାୟତର ୫ଶହରୁ ଊର୍ଦ୍ଧ୍ୱ ଚାଷୀ ପ୍ରତିନିଧି ଏହି ବିକ୍ଷୋଭରେ ସାମିଲ ହୋଇଥିଲେ। ଥାନା ଛକରୁ ଚାଷୀଙ୍କ ଏକ ଶୋଭାଯାତ୍ରା ବାହାରି ବର୍ଷା ଓ ବନ୍ୟା ପାଣିର ସ୍ଥାୟୀ ସମାଧାନ ଏବଂ ପାଟି ନୁହେଁ ମାଟି ଦରକାର ବୋଲି ସ୍ଲୋଗାନ ଦେଇ ତହସିଲ ସମ୍ମୁଖରେ ପହଞ୍ଚି ତହସିଲ କାର୍ଯ୍ୟାଳୟ ମୁଖ୍ୟ ଫାଟକରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେଠାରେ କୃଷକ ସଂଘର ସଦସ୍ୟ ପଙ୍କଜାକ୍ଷ ପଣ୍ଡାଙ୍କ ପୌରୋହିତ୍ୟରେ ଏକ ପ୍ରତିବାଦ ସଭା କରାଯାଇଥିଲା। ସଭାରେ କୃଷକ ସଂଘ ସଭାପତି ପୂର୍ବତନ ବିଧାୟକ ସୁଶାନ୍ତ ଚାନ୍ଦ, ସାରା ଭାରତ ମହିଳା ସାଂସ୍କୃତିକ ସଂଘର ସାଧାରଣ ସମ୍ପାଦିକା ଛବି ମହାନ୍ତି, ଶିକ୍ଷକ ସଂଘର ସଭାପତି ଶ୍ରୀନିବାସ ପ୍ରଧାନ, ପ୍ରବୀଣା ଶିକ୍ଷକ ଉତ୍ସବ କୁମାର କର, ଗୋପବନ୍ଧୁ ମହାପାତ୍ର, କଂଗ୍ରେସ ନେତା ସତ୍ୟଶିବ ଦାସ, ସିପିଏମ୍ ନେତା ଅଧୀନର ଗିରି ଗୋସ୍ୱାମୀ, ଭାଜପା ନେତା ଅଂଶୁମାନ ମହାନ୍ତି, ସଞ୍ଜୀବ କୁମାର ସାହୁ, ରାଜ କୁମାର ଦାସ, ବିଜେଡି ସଭାପତି ରମାକାନ୍ତ କରଣ ପ୍ରମୁଖ ସାମିଲ୍ ହୋଇ ଜଳସମ୍ପଦ ବିଭାଗ ଓ ଏକ୍ସପର୍ଟ କମିଟି ପକ୍ଷରୁ ପ୍ରସ୍ତୁତି ହୋଇଥିବା ୧୬୦ କୋଟି ୭ଲକ୍ଷ ଟଙ୍କାର ଡିପିଆର୍ ଖୁବଶୀଘ୍ର କାର୍ଯ୍ୟକାରୀ କରିବାକୁ ସରକାରଙ୍କଠାରେ ଦାବି ରଖିଥିଲେ। ତହସିଲଦାର ସୁଶାନ୍ତ ପଟ୍ଟନାୟକ ଆନ୍ଦୋଳନକାରୀଙ୍କଠାରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିବା ସ୍ମାରକପତ୍ରକୁ ଗ୍ରହଣ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ପ୍ରକାଶ କରିଥିଲେ।



ଭୋଗରାଇ ତହସିଲ କାର୍ଯ୍ୟାଳୟ ଆଗରେ କୃଷକ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

